## ସଂକ୍ଷେପରେ

### ଆନ୍ଦୋଳନ ପାଇଁ ବିଏମ୍‌ସିରେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ଜନଶୁଣାଣି ବାତିଲ

ଭୁବନେଶ୍ୱର, ୧୧।୨(ବନ୍ଦନା ସେଠୀ)

ବିଏମ୍‌ସି ସଫେଇ ମଜଦୁର ସଂଘ ସଭାପତି ସହଦେବ ନାୟକଙ୍କ ହତ୍ୟା ଘଟଣାକୁ ୧ମାସ ବିତି ଯାଇଥିଲେ ହେଁ ଏଯାଏ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ୍ ଧରିପାରିନାହିଁ। ତେଣୁ ଘଟଣାର ସିବିଆଇ ତଦନ୍ତ ଦାବି କରି ସଂଘ ପକ୍ଷରୁ ସୋମବାରଠାରୁ ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ମଙ୍ଗଳବାର ବିଏମ୍‌ସି ଏକାମ୍ର ହଲ୍‌ରେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହାଟକରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ରହିଥିବାବେଳେ ସଂଘର କର୍ମକର୍ତ୍ତା ଦାବି ପୂରଣ ସ୍ଲୋଗାନ ଦେଇ ବିଏମ୍‌ସି ଘେରାଉ କରିଥିଲେ। ଗାଡ଼ି କିମ୍ବା ବାହାରକୁ ଆସିଥିବା କର୍ମଚାରୀମାନଙ୍କୁ ଭିତରକୁ ଛଡ଼ାଯାଇ ନ ଥିଲା। ଫଳରେ ବିଏମ୍‌ସିରେ ହେବାକୁ ଥିବା ଜନଶୁଣାଣି କାର୍ଯ୍ୟକ୍ରମ ରାଜ୍ୟ ଅତିଥି ଭବନରେ ଆୟୋଜିତ ହୋଇଥିଲା। ତେବେ ହଠାତ୍ ସ୍ଥାନ ପରିବର୍ତ୍ତନ ହେବାରୁ ଅଭିଯୋଗ ନେଇ ବିଏମ୍‌ସି ଆସିଥିବା କେତେଜଣ ମହିଳା ନିରାଶ ହୋଇ ଫେରିଥିଲେ। ଆନ୍ଦୋଳନକାରୀ କର୍ମକର୍ତ୍ତାମାନେ ପ୍ରବଳ ପାଟିତୁଣ୍ଡ କରିବାରୁ ବିଏମ୍‌ସି ଅଧିକାରୀ ଏବଂ ସ୍ଥାନୀୟ ପୋଲିସ୍ ଆସି ସେମାନଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ସ୍ଥିତି ଶାନ୍ତ ପଡ଼ିଥିଲା। ଆନ୍ଦୋଳନ ପାଇଁ ଜାତୀୟ କମିଶନଙ୍କ କାର୍ଯ୍ୟକ୍ରମ ବାତିଲ୍ କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବିଏମ୍‌ସି ଅଧିକାରୀଙ୍କ ସହ ଯୋଗା ଯୋଗ କରାଯାଇ ଥିଲେ ହେଁ ପ୍ରତିକ୍ରିୟା ମିଳିପାରିନାହିଁ।

### ନନ୍ଦନକାନନରେ ଚଉଶିଂଘା ଶାବକ ଜନ୍ମ

ତ୍ରିଶୂଳିଆ, ୧୧।୨(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନର ତୃଣଭୋଜି ସଫାରୀରେ ରହୁଥିବା ଏକ ମାଈ ଚଉଶିଘା ମଙ୍ଗଳବାର ଏକ ଶାବକ ଜନ୍ମ ଦେଇଛି। ଶାବକଟି ଜନ୍ମ ହେବା ପରେ ମା' ଓ ଶାବକ ସୁସ୍ଥ ଥିବା ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

### ଦୀନଦୟାଲ ଉପାଧ୍ୟାୟଙ୍କ ମହାପ୍ରୟାଣ ଦିବସ

ତ୍ରିଶୂଳିଆ, ୧୧।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ମଧୁବନସ୍ଥ ଭାଜପା କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୭ତମ ମହାପ୍ରୟାଣ ଦିବସକୁ ମଙ୍ଗଳବାର ରାଜ୍ୟ ଭାଜପା ସମର୍ପଣ ଦିବସ ଭାବେ ପାଳନ କରିଛି। ବାଙ୍କୀ ଭାଜପା ପକ୍ଷରୁ କଟକ ଏମ୍‌ପିଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣିଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଜୀବନୀ ସମ୍ପର୍କରେ ସମସ୍ତେ ବକ୍ତବ୍ୟ ରଖିଥିଲେ। ସୁଶାନ୍ତ ଜେନା, ମଣ୍ଡଳ ସଭାପତି ସୁନୀଲ ସ୍ୱାଇଁ, ସନ୍ତୋଷ ପାଣି, ଦୀପକ ସ୍ୱାଇଁ, ଅଶ୍ୱିନୀ ସାହୁ, ସମିତି ସଭ୍ୟା ପ୍ରାଚୀନା ଦାସ, ବାବୁଲି ସ୍ୱାଇଁ, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ ପାଣି, ନରାଜ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ନାୟକ, ସୁକାନ୍ତ ମହାରଣା, ପପିନ ମହାପାତ୍ର, ରୋଜାଲିନ ବାହୁବଳେନ୍ଦ୍ର, ଆଦିତ୍ୟ ପାଳ, ମଳୟ ଦାସ, ମଧୁସୂଦନ ଦାସ, ଅମୂଲ୍ୟ ନାୟକ, ପ୍ରକାଶ ପ୍ରଧାନ, ପୀତାମ୍ବର ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଶ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।

# 'ମହିଳା କମିଶନକୁ ନିଜସ୍ୱ କ୍ଷମତା ମିଳିବା ଦରକାର'

## ରାଜ୍ୟରେ ପ୍ରତିଷ୍ଠା ହେବ ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ର

ଭୁବନେଶ୍ୱର, ୧୧।୨(ବନ୍ଦନା ସେଠୀ)



ପ୍ରତିଷ୍ଠା ଦିବସ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ ମହିଳା କମିଶନ ଅଧକ୍ଷା ବିଜୟା କେ. ରାହତକର ଏବଂ ଅନ୍ୟ ଅତିଥି।

ରାଜ୍ୟରେ ମହିଳାଙ୍କ ବିକାଶ ଓ ସେମାନଙ୍କ ଦ୍ୱାରା ବିକାଶକୁ ହାସଲ କରିବା ନିମନ୍ତେ ସେମାନେ ନିଜ ନ୍ୟାୟିକ ଅଧିକାର ପ୍ରତି ସଚେତନ ହେବା ନିହାତି ଆବଶ୍ୟକ। ଯେତେବେଳେ ଜଣେ ମହିଳା ନିରାପଦ, ସେତେବେଳେ ସେ ସଶକ୍ତ। ମହିଳାଙ୍କୁ ନ୍ୟାୟ ଏବଂ ଅଧିକାର ପ୍ରଦାନ କ୍ଷେତ୍ରରେ ରାଜ୍ୟ ମହିଳା କମିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହିଳା କମିଶନ ଭିତ୍ତିଭୂମି କ୍ଷେତ୍ରରେ ସୁଦୃଢ଼। ମାତ୍ର କମିଶନ ପାଖରେ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ନାହିଁ। ତେଣୁ କୌଣସି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କମିଶନ କେବଳ ପୋଲିସ୍‌କୁ ସୁପାରିସ କରୁଛି। ତେଣୁ କମିଶନକୁ ନିଜସ୍ୱ କ୍ଷମତା ମିଳିବା ଦରକାର। ଫଳରେ ଏହା ସଶକ୍ତ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ରାଜ୍ୟ ମହିଳା ଆୟୋଗର ୩୨ତମ ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ତୃଣମୂଳସ୍ତରରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ ବିକାଶ ସହ ସେମାନଙ୍କ ନ୍ୟାୟିକ ଅଧିକାରକୁ ସୁନିଶ୍ଚିତ କରିବା ରାଜ୍ୟ ମହିଳା ଆୟୋଗର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟରେ ଏବେ ବିବାହ ବିଚ୍ଛେଦ ମାତ୍ରାଧିକ ଭାବେ ବଢୁଥିବାରୁ ଏହାକୁ କମାଇବା ପାଇଁ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତକାରଙ୍କ ପରାମର୍ଶକ୍ରମେ ଓଡ଼ିଶାରେ ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ର ନିର୍ମାଣ କରାଯିବ। ମାନସିକ ସ୍ୱାସ୍ଥ୍ୟକୁ ସୁଧାରିବା ସହ ଛାଡ଼ପତ୍ର ରୋକିବା ଏବଂ ବିବାହକୁ ଠିକ୍ ଭାବେ ବୁଝିବା ପାଇଁ ଏହି ସେଣ୍ଟର କାର୍ଯ୍ୟ କରିବ। 'ମଦର୍ସ କୋର୍ଟ' ନାମରେ ଏହାକୁ ନାମିତ କରାଯିବାର ଯୋଜନା ରହିଛି। ସେହିପରି ରାଜ୍ୟରେ ସରକାରୀ କ୍ଷେତ୍ରରେ ୧୨ଦିନର ପେଡ୍ ପିରିୟଡ୍ ଲିଭ୍ କାର୍ଯ୍ୟକାରୀ ହୋଇଥିବାବେଳେ ଏହାକୁ ପ୍ରାଇଭେଟ୍ ସେକ୍ଟରରେ ମଧ୍ୟ ଲାଗୁ କରିବାକୁ ଦାବି କରାଯାଉଛି, ଯାହାକି ଯଥାର୍ଥ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ରାହତକାର ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳା କେନ୍ଦ୍ରିତ ଯୋଜନାକୁ ପ୍ରଶଂସା କରିଥିଲେ। ଏଥିସହ ବାଲ୍ୟ ବିବାହ, ଲିଙ୍ଗଭିତ୍ତିକ ହିଂସା, ସାଇବର୍ ଅପରାଧ, ମାନବ ଚାଲାଣ ଓ କାର୍ଯ୍ୟାଳୟରେ ଯୌନ ନିର୍ଯାତନା ଆଦି ବିଷୟ ଉପରେ ଆଲୋଚନା କରିଥିଲେ। ଏହି ସବୁ ସମସ୍ୟାର ନିରାକରଣ ପାଇଁ ନିରନ୍ତର ଜନସଚେତନତାର ଆବଶ୍ୟକତା ରହିଛି। ସେଥିନିମନ୍ତେ ଗାଁ ଗାଁରେ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଗ୍ରାମ ସଭା କରାଯାଇ ଏସବୁ ପ୍ରସଙ୍ଗ ଉପରେ ଆଲୋଚନା ଆବଶ୍ୟକ ବୋଲି ସେ କହିଛନ୍ତି। ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତୀକରଣ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ରାହାଟ୍‌କର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଆୟୋଗ ତରଫରୁ ମହିଳା ଆଇନ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଫେବୃଆରୀ ୧୧, ୧୨, ୧୩ ତାରିଖରେ ଆୟୋଜନ କରାଯାଉଥିବା ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମନିଷା ବାନାର୍ଜୀ, ବିଭାଗ ଓ ରାଜ୍ୟ ମହିଳା ଆୟୋଗର ଅଧିକାରୀ, ମହିଳା ଓ ଶିଶୁ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଯୁବ ନେତୃବର୍ଗ ଉପସ୍ଥିତ ଥିଲେ।



୫ ଦଫା ଦାବିରେ ଓଡ଼ିଶା ପାୱାର ସେକ୍ଟର ଏମ୍ପ୍ଲୋୟିଜ୍ ଜଏଣ୍ଟ ଫୋରମ୍ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପ୍ରତିବାଦ ଧାରଣା। (ଫଟୋ– ମନୋରଞ୍ଜନ ମିଶ୍ର)

# ରାତି ୧୦ରେ ଉଠିବ ମହାଦୀପ

## ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି

ପୁରୁଣା ଭୁବନେଶ୍ୱର, ୧୧।୨
(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୬ତାରିଖରେ ମହାଶିବରାତ୍ରି ତଥା ଜାଗର ଯାତ୍ରା। ରାଜ୍ୟର ପ୍ରମୁଖ ଶୈବପୀଠଗୁଡ଼ିକ ମଧ୍ୟରୁ ଶ୍ରୀଲିଙ୍ଗରାଜ ମନ୍ଦିର ଅନ୍ୟତମ। ଏଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହାସମାରୋହରେ ଜାଗର ଯାତ୍ରା ପାଳନ କରାଯିବ। ଏହି ଜାଗର ଯାତ୍ରାକୁ ଶୃଙ୍ଖଳିତଭାବେ ପରିଚାଳନା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଡିଏମ୍ ତଥା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉକ୍ତ ଦିନ ରାତି ୧୦ଟାରେ ମହାଦୀପ ଉଠିବା ନେଇ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ସ୍ଥିରୀକୃତ ସମୟରେ ମହାଦୀପ ଉଠିବା ନେଇ ପୂଜାପଣ୍ଡା ନିଯୋଗ ସେବାୟତଙ୍କ ପକ୍ଷରୁ ସହମତି ଦିଆଯାଇ ନ ଥିଲା। ପ୍ରଥମେ ଆଡ଼କାଠ ନିକଟରୁ ଟେବୁଲ ଏବଂ ଥାଳି ଉଠାଯାଉ ବୋଲି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଥିଲେ। ବୈଠକରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନିଆଯାଇଛି।

ଦୀର୍ଘ ୫୦ବର୍ଷ ଧରି ମନ୍ଦିର କାର୍ଯ୍ୟାଳୟରେ ଠାକୁରଙ୍କ ନୀତିକାନ୍ତି ପାଇଁ କୋହିନୂର ପାଞ୍ଜି ଚାଲିଥିବା ବେଳେ ଚଳିତ ବର୍ଷ ଅସଲି ଖଡିରତ୍ନ ପଞ୍ଜିକା ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଛି। ଗତ ମକର ସଂକ୍ରାନ୍ତିରେ ଠାକୁରଙ୍କ ନୀତି ବିଭ୍ରାଟ ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା। ବୁଧବାର ସର୍କିଟ ହାଉସଠାରେ ଶିବରାତ୍ରିର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଜରୁରି ସ୍ୱାସ୍ଥ୍ୟସେବା ଅପରେଶନ କେନ୍ଦ୍ର ଖୋଲାଯିବ

ଭୁବନେଶ୍ୱର, ୧୧।୨(ବନ୍ଦନା ସେଠୀ)

ରାଜ୍ୟରେ ଜନସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ 'ଏକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମର ଷ୍ଟେଟ୍ ଆକ୍ସନ୍ ପ୍ଲାନ ଏବଂ ଆଇଡିଏସ୍‌ପି–ଆଇଏଚ୍‌ଆଇପିର ବାର୍ଷିକ ରିପୋର୍ଟର ଉନ୍ମୋଚନ କରିଛନ୍ତି।

ମଙ୍ଗଳବାର ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଅପରେଶନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର ଉନ୍ମୋଚିତ ହୋଇଥିଲା। ଏହି ପଦକ୍ଷେପ ସମ୍ଭାବ୍ୟ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ପରିସ୍ଥିତି ପାଇଁ ପ୍ରାକ ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରକାଶ କରିଛନ୍ତି। 'ଏକ ସ୍ୱାସ୍ଥ୍ୟ'ର ଷ୍ଟେଟ୍ ଆକ୍ସନ ପ୍ଲାନରେ ମାନବ ସ୍ୱାସ୍ଥ୍ୟ, ପଶୁ ସ୍ୱାସ୍ଥ୍ୟ ଏବଂ ପରିବେଶ ସ୍ୱାସ୍ଥ୍ୟର ସମନ୍ୱିତ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରାଯାଇଛି। ଆଇଡିଏସ୍‌ପି–ଆଇଏଚ୍‌ଆଇପିର ବାର୍ଷିକ ରିପୋର୍ଟ–୨୦୨୪ରେ ବିଗତ ବର୍ଷର ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଏବଂ ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପ୍ଲାଟଫର୍ମର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଏନ୍‌ସିଡିସିର ଯୁଗ୍ମ ନିର୍ଦ୍ଦେଶିକା ଡା. ସିମ୍ମି ତିୱାରୀ, ଏନ୍‌ଏଚ୍‌ଏମ୍ (ଓଡ଼ିଶା)ର ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ଡି, ଏନ୍‌ସିଡିସି ଓ ଆଇଡିଏସ୍‌ପି–ଆଇଏଚ୍‌ଆଇପିର ପରାମର୍ଶଦାତା ଡା. ବିନିତା ଗୁପ୍ତା, ରାଜ୍ୟ ଆଇଡିଏସ୍‌ପି ସେଲ୍‌ର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ ସମ୍ମିଳନୀ ପକ୍ଷରୁ ମଙ୍ଗଳବାର ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଶୀଘ୍ର ଆରମ୍ଭ ହେବ ଜୟଦେବ ବିହାର–ନନ୍ଦନକାନନ ଫ୍ଲାଏଓଭର କାମ

ଭୁବନେଶ୍ୱର, ୧୧।୨ (ବନ୍ଦନା ସେଠୀ)

ଖୁବ୍‌ଶୀଘ୍ର ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଏ ଓଭର ବ୍ରିଜ୍ କାର୍ଯ୍ୟ ଆରମ୍ଭ ହେବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ ହେବା ସହିତ ସହରର ଆହୁରି ବିକାଶ ହୋଇପାରିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଥିପାଇଁ ସରକାର ଅନୁମତି ଦେଇସାରିଛନ୍ତି। ତେଣୁ ଖୁବ୍‌ଶୀଘ୍ର ଟେକ୍ନିକାଲ କାର୍ଯ୍ୟ ଆରମ୍ଭ ହେବ। ଜୟଦେବ ବିହାରରେ ଜାତୀୟ ରାଜପଥର ଯେଉଁ ଫ୍ଲାଏଓଭର ବ୍ରିଜ୍ ରହିଛି, ତାକୁ ସଂଯୋଗ କରି ଏହି ଫ୍ଲାଏଓଭର ବ୍ରିଜ୍ ନନ୍ଦନକାନନ ପର୍ଯ୍ୟନ୍ତ ଯିବ। ସେହିପରି ମଝିରେ ମଝିରେ ଯେଉଁଠି ବଡ଼ ଛକ ଅଛି, ସେଠାରେ ଏସ୍କେପ୍ ୱେ ରହିବ। ଯେଉଁମାନେ ଉପରେ ଯାତାୟାତ କରୁଥିବେ ସେମାନଙ୍କ ପାଇଁ ତଳକୁ ଓହ୍ଲାଇବା ଲାଗି କୌଣସି ଅସୁବିଧା ହେବନାହିଁ। ସେହିପରି ଆଗକୁ ହେବାକୁ ଥିବା ମେଟ୍ରୋ ଗମନାଗମନ ପାଇଁ ମଧ୍ୟ କୌଣସି ସମସ୍ୟା ହେବନାହିଁ। ୨୦୨୭–୨୮ ସୁଦ୍ଧା ଏହି ପ୍ରକଳ୍ପରୁ ବଡ଼ ଭାଗ ନିର୍ମାଣ ସରିବା ନେଇ ଆଶା କରାଯାଉଛି ବୋଲି ମନ୍ତ୍ରୀ ହରିଚନ୍ଦନ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳର ଦୁଇପାଖରେ ଲୋକେ ରହୁଛନ୍ତି। ତେଣୁ ସେଠାରେ ରାସ୍ତା ନିର୍ମାଣ କରିବା ପାଇଁ ହେଲେ ଜମି ଅଧିଗ୍ରହଣ କରିବାକୁ ପଡ଼ିବ। ଏହାଦ୍ୱାରା ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ, ଯାହାକି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ନୁହେଁ। ତେଣୁ ସବୁ ଦୃଷ୍ଟିକୁ ଅନୁଧ୍ୟାନ କରି ଯୋଜନା ପ୍ରସ୍ତୁତ କରାଯାଇଛି। ଯେଉଁ ରାସ୍ତା ତଳେ ଚାଲିଛି ତାହା ଚାଲିବ, ଏଥିସହ ଉପରେ ମଧ୍ୟ ୪ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେବ। ଏହି ରାସ୍ତା ଆଗାମୀ ଦିନରେ ଭୁବନେଶ୍ୱରର ଲାଇଫ୍ ଲାଇନ୍ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।



ଭୁବନେଶ୍ୱରର ଏକ ହୋଟେଲରେ ମଙ୍ଗଳବାର ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାୟୋଜିତ 'ଡିଅର ଡି.ଆର୍' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# ୧୩ରେ ଅନ୍ତର୍ଜାତୀୟ ରେଡିଓ ମେଳା

ଭୁବନେଶ୍ୱର, ୧୧।୨(ସୁଚିସ୍ମିତା ସାହୁ)

ଫେବୃଆରୀ ୧୩ ଓ ୧୪ରେ ସାମାଜିକ ସଙ୍ଗଠନ 'ଆଉଟରିଚ୍' ପକ୍ଷରୁ ଅନ୍ତର୍ଜାତୀୟ ରେଡିଓ ମେଳା ଅନୁଷ୍ଠିତ ହେବ। ନୂଆ ଓ ପୁରୁଣା ରେଡିଓ ପ୍ରଦର୍ଶନୀ, ହାମ୍‌ଫେଷ୍ଟ ସମେତ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିପାଇଁ ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଇଚ୍ଛୁକ ଛାତ୍ରୀଛାତ୍ର ରେଡିଓ ମେଳା ୱେବ୍‌ସାଇଟ୍‌କୁ ଯାଇ ନାମ ପଞ୍ଜୀକରଣ କରିପାରିବେ। ଏହି ପ୍ରତିଯୋଗିତା ପାଇଁ ଛାତ୍ରୀଛାତ୍ରଙ୍କୁ ୩ଟି ବିଭାଗ ଯଥା ସବଜୁନିୟର (ନର୍ସରିରୁ ଦ୍ୱିତୀୟ), ଜୁନିୟର (ତୃତୀୟରୁ ଷଷ୍ଠ) ସିନିୟର (ସପ୍ତମରୁ ଦଶମ) ଏବଂ ସୁପର ସିନିୟର (କଲେଜ ଓ ବିଶ୍ୱବିଦ୍ୟାଳୟ)ରେ ବିଭକ୍ତ କରାଯାଇଛି। ଚଳିତବର୍ଷ ଚିତ୍ରାଙ୍କନ, ନୃତ୍ୟ, ଗୀତ, ତର୍କ, ରିପୋର୍ଟ ରାଇଟିଂ ସହିତ ନ୍ୟୁଜ ରିଡିଙ୍ଗ ପ୍ରତିଯୋଗିତା ହେବ। ପ୍ରଥମ ତିନି ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଅଧିକ ସୂଚନା ପାଇଁ ପ୍ରତିଯୋଗୀମାନେ ୭୬୮୩୮୭୦୮୧୩/୮୨୪୯୯୭୮୧୩୨ ନମ୍ବରରେ ଯୋଗାଯୋଗ କରିପାରିବେ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସାତକଡ଼ି ହୋତା

ଭୁବନେଶ୍ୱର, ୧୧।୨(ଅନୁରାଧା ମହାରଣା)

ସାତକଡ଼ି ହୋତା ସ୍ମୃତି ସଂସଦ ପକ୍ଷରୁ ବୁଦ୍ଧ ମନ୍ଦିର ସଭାଗୃହରେ ମଙ୍ଗଳବାର ସାହିତ୍ୟିକ ସାତକଡ଼ି ହୋତାଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଡା. ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ପୀତବାସ ରାଉତରାୟ ମୁଖ୍ୟ ଅତିଥି, ମନୋଜ କୁମାର ମହାପାତ୍ର ମୁଖ୍ୟବକ୍ତା, ଡା. ଅକ୍ଷୟ କୁମାର ମିଶ୍ର ଓ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ନାଟ୍ୟକାର ବିଜୟ କୁମାର ମହାନ୍ତ ଓ ସୁରେଶ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡ. ହୋତା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଅତିଥିମାନେ କହିଥିଲେ। ଓଡ଼ିଶାରେ ରେଳପଥର ବିକାଶ ତାଙ୍କର ରାଜ୍ୟବାସୀଙ୍କୁ ବଡ଼ ଅବଦାନ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଓଡିଆ ପ୍ରାଣ ସାତକଡ଼ି ହୋତା ଫଟୋ ସମ୍ଭାର ଓ ମୈତ୍ରୀ ସାତକଡ଼ି ହୋତା ବିଶେଷାଙ୍କ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଦେବୀପ୍ରସାଦ ଷଡ଼ଙ୍ଗୀ, ଜୟା ମିଶ୍ର, ଭଜକୃଷ୍ଣ ମହାନ୍ତି ପ୍ରମୁଖ ଭଜନ ଗାନ କରିଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଏବଂ ଡ. ଆରତି କର ଧନ୍ୟବାଦ ଦେଇଥିଲେ।

# 'ବିଦ୍ୟାର୍ଥୀ ସୁଯୋଗ୍ୟ ହେଲେ ସମାଜର ବିକାଶ ହୁଏ'

ବାଲିପାଟଣା, ୧୧।୨(ଅଭିମନ୍ୟୁ ନାୟକ)

ବଗଲପୁରସ୍ଥିତ ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ନବକିଶୋର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ଗଛ ଲଗାଇଲେ ଯେପରି ପରିବେଶର ବିକାଶ ହୋଇଥାଏ, ସେହିପରି ବିଦ୍ୟାଳୟର ଛାତ୍ରୀଛାତ୍ର ସୁଯୋଗ୍ୟ ହେଲେ ସମାଜର ବିକାଶ ହୁଏ। ଏହି ଅବସରରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ମଲ୍ଲିକ ଅନାବରଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ହରପ୍ରିୟା ଦାସ, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା କୈଳାସ ଚନ୍ଦ୍ର ମିଶ୍ର, ରବିନାରାୟଣ ମହାନ୍ତି, ବାସୁଦେବ ସାହୁ, ହରପ୍ରିୟା କର, ବରିଷ୍ଠ ରାଜନେତା କିଶୋର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁନୀତା ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର କୃତୀ ଛାତ୍ରୀ ମୋନାଲିସା ଆଚାର୍ଯ୍ୟଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯିବା ସହିତ ଅନ୍ୟାନ୍ୟ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଦିନବନ୍ଧୁ ମହାନ୍ତି ଏବଂ ମଞ୍ଜୁଶ୍ରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ତପନ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ ବେହେରା, ବନମାଳିପୁର ସ୍କୁଲ ପ୍ରଧାନ ଶିକ୍ଷକ ଅର୍ଣ୍ଣବ ବେହୁରା ଓ କୁରୁଞ୍ଜିପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବିପିନ ବିହାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# 'ଅନଗ୍ରସରଙ୍କ ବିକାଶ ପାଇଁ ଦୀନଦୟାଲ କାର୍ଯ୍ୟ କରୁଥିଲେ'

ଭୁବନେଶ୍ୱର, ୧୧।୨(ଅନୁରାଧା ମହାରଣା)



ପଣ୍ଡିତ ଦୀନଦୟାଲଙ୍କ ଫଟୋରେ ମାଲ୍ୟାର୍ପଣ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

ଭାରତୀୟ ଜନସଂଘ ପାର୍ଟିର ସହସଂସ୍ଥାପକ ତଥା ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସମ୍ପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୭ତମ ପୁଣ୍ୟତିଥି ତଥା ସମର୍ପଣ ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଅନ୍ତ୍ୟୋଦୟ ଦର୍ଶନର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀଙ୍କର ଏକ ଅଭୂତପୂର୍ବ ସଫଳତା। ସମାଜର ଅର୍ଥନୈତିକ ଶିଡ଼ିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ କାର୍ଯ୍ୟ କରୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦୀନଦୟାଲଜୀଙ୍କ ଅନ୍ତ୍ୟୋଦୟ ପରିକଳ୍ପନାକୁ ଆଧାର କରି ବହୁ ସଫଳତା ପାଇଛନ୍ତି। ବିଶେଷ ଭାବେ ଗରିବ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ବହୁ ଗରିବକଲ୍ୟାଣମୂଳକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି। ଗ୍ରାମାଞ୍ଚଳର ବିକାଶକୁ ପ୍ରାଧାନ୍ୟ, ବାସହୀନ ଗରିବଙ୍କୁ ପକ୍କାଘର, ସମସ୍ତଙ୍କୁ ଶସ୍ତା ବିଜୁଳି ଓ ପାନୀୟଜଳ ଯୋଗାଣ, ସମସ୍ତଙ୍କ ଘରେ ପାଇଖାନା ଓ ରୋଷେଇ ଗ୍ୟାସ ଯୋଗାଣ, ଜାତୀୟ ଜୀବିକା ମିଶନରେ ସମସ୍ତଙ୍କୁ କାମ ଓ ରୋଜଗାର, ମହିଳା ସଶକ୍ତୀକରଣ ଆଦି ଗରିବକଲ୍ୟାଣମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲଜୀଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର ବୋଲି ସାମଲ କହିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ଅଶୋକ ମିଶ୍ର, ମହେଶ ମହାନ୍ତି, ସୁରଥ ବିଶ୍ୱାଳ, ରାଜେନ୍ଦ୍ର ପଣ୍ଡା, ସୁଜିତ ଦାସ, ବ୍ରଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୌଦ୍ଧ ଜିଲାରୁ ୨୭୨୦ କେଜି ଗଞ୍ଜେଇ ଜବତ

କଟକ,୧୧।୨(କାର୍ତ୍ତିକ ସାହୁ):

ବୌଦ୍ଧ ଜିଲା ପୋଲିସ ୨୭୨୦ କେଜି ଗଞ୍ଜେଇ ମଙ୍ଗଳବାର ଜବତ କରିଛି। ମାତ୍ର ଚୋରା ଚାଲାଣରେ ସାମିଲ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଛନ୍ତି। ସୂଚନାନୁସାରେ, ବୌଦ୍ଧ ଜିଲା ଅନ୍ତର୍ଗତ ବାଘିଆପଡ଼ା ଓ ଖଣ୍ଡବର ରାସ୍ତା ପାର୍ଶ୍ୱ ପାଣ୍ଡେଇ ଛକ ନିକଟରେ ବିପୁଳ ପରିମାଣର ଗଞ୍ଜେଇ ଚୋରାଚାଲାଣ କରାଯାଉଥିବା ସଂକ୍ରାନ୍ତରେ ପୋଲିସ ସୂଚନା ପାଇଥିଲା। ୩ ଜଣ ବ୍ୟକ୍ତି ଏହି ନିଶାଦ୍ରବ୍ୟ ମହଜୁଦ ରଖିଥିବା ସୂଚନା ପାଇ ପୋଲିସ ଅଚାନକ ଚଢ଼ାଉ କରିଥିଲା। ହେଲେ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏନେଇ ପୋଲିସ ଏକ ମାମଲା(ନଂ. ୭୫/୨୫) ରୁଜୁ କରିଛି।

ଉଲ୍ଲେଖଯୋଗ୍ୟ, ଗଞ୍ଜେଇ ଓ ନିଶାଦ୍ରବ୍ୟ ଚୋରାଚାଲାଣ ଉପରେ ରୋକ୍ ଲଗାଇବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବାବେଳେ ପୋଲିସ ପକ୍ଷରୁ ଏହି ଅଭିଯାନ ଜୋର୍‌ଦାର ଚାଲିଛି। ଗତବର୍ଷ ନଭେମ୍ବର ୧ରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ୫୯୧ଟି ମାମଲା ରୁଜୁ କରାଯାଇଥିବାବେଳେ ୨୫ ହଜାର ଏକରରୁ ଅଧିକ ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଏହି ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ରାଜପଥରେ କାର୍ଯ୍ୟକ୍ଷମ ହେବ ଆଇଇଏମ୍‌ଏସ୍

■ ସଡ଼କ ସୁରକ୍ଷାକୁ ସଶକ୍ତ କରିବା ଉପରେ ଗୁରୁତ୍ୱ

■ ବ୍ଲାକ୍‌ସ୍ପଟ୍ ଅଞ୍ଚଳ ଚିହ୍ନଟ ହେବ: ପରିବହନ ସଚିବ

ଭୁବନେଶ୍ୱର, ୧୧।୨ (ବନ୍ଦନା ସେଠୀ):

ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବା ସହିତ ସଡ଼କ ଦୁର୍ଘଟଣା ହ୍ରାସ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ମଙ୍ଗଳବାର ଖାରବେଳ ଭବନରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଇ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମ୍‌ଏସ୍)ର ସମ୍ପ୍ରସାରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆଗକୁ ନିର୍ମାଣ ହେବାକୁ ଥିବା ନୂତନ ରାଜପଥ ଓ ରାସ୍ତାରେ ମଧ୍ୟ ଆଇଇଏମ୍‌ଏସ୍ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ମଧ୍ୟରୁ ତ୍ରୁଟିପୂର୍ଣ୍ଣ ରୋଡ ଇଞ୍ଜିନିୟରିଂ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ୟାର ସୁଧାର ପାଇଁ ସଡ଼କ ନିର୍ମାଣ ସମୟରେ ସମସ୍ତ ମାନକକୁ ଠିକ ଭାବେ ପାଳନ କରାଯାଉଛି କି ନାହିଁ ତା'ର ନିୟମିତ ସମୀକ୍ଷା ସହ ପଦକ୍ଷେପ ଗ୍ରହଣ କରାଯିବ। ଦୁର୍ଘଟଣାପ୍ରବଣ ଅଞ୍ଚଳ ତଥା ବ୍ଲାକସ୍ପଟ ଚିହ୍ନଟ କରି ଏହାର ସୁଧାର ଦିଗରେ ତ୍ୱରିତ କାର୍ଯ୍ୟ କରାଯିବ। ଏଥିସହ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ପ୍ରତି ମାସ ଜାତୀୟ ରାଜପଥ ପ୍ରାଧିକରଣ ଓ ରାଜ୍ୟ ପରିବହନ ପ୍ରାଧିକରଣ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ଭୁବନେଶ୍ୱର ସମେତ ରାଉରକେଲା, ବ୍ରହ୍ମପୁର, ପୁରୀ, ସମ୍ବଲପୁର ସହରର ସଡ଼କ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ରାସ୍ତାରେ କ୍ୟାମେରା ସଂଖ୍ୟା ବୃଦ୍ଧି କରାଯିବ। 'ମୋ ବସ୍' ଏବଂ ଓଏସ୍‌ଆରଟିସିର ଚାଳକମାନଙ୍କୁ ନିୟମିତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସମସ୍ତ ବସ୍‌ରେ ଯାତ୍ରୀ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଏଡିଏଏସ୍ ଲଗାଇବା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ସଡ଼କରେ ଗାଡ଼ି ଚଲାଇବାକୁ ଦକ୍ଷଚାଳକଙ୍କୁ ଅନୁମତିକୁ ସୁନିଶ୍ଚିତ କରିବାକୁ ଏଲ୍‌ଏଲ୍ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟା ଅପେକ୍ଷାକୃତ ଶକ୍ତ କରାଯିବ। ଏଥିପାଇଁ ୩ଟି ପର୍ଯ୍ୟାୟରେ ପରୀକ୍ଷା କରିବାକୁ ପ୍ରସ୍ତାବ ରହିଛି। ସେହିଭଳି ନିୟମିତ ସଡ଼କ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ। ବୁଧବାର ଜିରୋ ଟଲେରାନ୍ସ ଡେ'ର ସଫଳତାକୁ ଆଖି ଆଗରେ ରଖି ଶୂନ୍ୟ ଦୁର୍ଘଟଣା ଦିବସ ପାଳନ ପାଇଁ ବିଭାଗ ଯୋଜନା ରଖିଥିବାବେଳେ ପ୍ରଥମେ ଏହା ଭୁବନେଶ୍ୱରରୁ ଆରମ୍ଭ କରାଯିବ। ଅପରପକ୍ଷେ ସଡ଼କ ଦୁର୍ଘଟଣା ହ୍ରାସରେ ତଥ୍ୟଭିତ୍ତିକ ପଦକ୍ଷେପ ଉପରେ ପ୍ରାଧାନ୍ୟ ଦିଆଯାଇଛି। ଏଥିପାଇଁ ଆଇଆଇଟି ମାଡ୍ରାସ ପକ୍ଷରୁ ସମସ୍ତ ବିଭାଗକୁ ତଥ୍ୟ ପ୍ରଦାନ କରାଯିବ। ଏ ସଂକ୍ରାନ୍ତରେ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରଫେସର ବାଲ୍ ଭେଙ୍କଟେଶ ସୁବ୍ରମଣ୍ୟମଙ୍କ ତରଫରୁ ରିପୋର୍ଟ ଉପସ୍ଥାପିତ ହୋଇଥିଲା। ସଡ଼କ ଦୁର୍ଘଟଣା ତଥ୍ୟ ପ୍ରସ୍ତୁତିରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା, ଦୁର୍ଘଟଣାଗ୍ରସ୍ତଙ୍କ ଉନ୍ନତ ଚିକିତ୍ସା ପାଇଁ ଟ୍ରମା କେୟାର ଭିତ୍ତିଭୂମି, ଇ-ଚାଲାଣ, ସୁବାହକ ପ୍ରଶିକ୍ଷଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ ୨୦୨୪ରେ ଦୁର୍ଘଟଣା ହାର ସମ୍ପର୍କରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ସୂଚନା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ଆରଟିସି ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ, ଅବକାରୀ ସଚିବ ଗୁହା ପୁନମ ତାପସ କୁମାର, କଟକ-ଭୁବନେଶ୍ୱର ଅତିରିକ୍ତ ପୋଲିସ ଆୟୁକ୍ତ ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଖାରବେଳ ଭବନରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

### ଦୀନଦୟାଲ ଉପାଧ୍ୟାୟଙ୍କ ମହାପ୍ରୟାଣ ଦିବସ

ତ୍ରିଶୂଳିଆ,୧୧।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ମଧୁବନସ୍ଥ ଭାଜପା କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୭ତମ ମହାପ୍ରୟାଣ ଦିବସକୁ ମଙ୍ଗଳବାର ରାଜ୍ୟ ଭାଜପା ସମର୍ପଣ ଦିବସ ଭାବେ ପାଳନ କରିଛି। ବାଙ୍କୀ ଭାଜପା ପକ୍ଷରୁ କଟକ ଏମ୍‌ପିଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣିଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଜୀବନୀ ସମ୍ପର୍କରେ କୁହାଯାଇଥିଲା। ସୁଶାନ୍ତ ଜେନା, ସୁନୀଲ ସ୍ୱାଇଁ, ସନ୍ତୋଷ ପାଣି, ଦୀପକ ସ୍ୱାଇଁ, ଅଶ୍ୱିନୀ ସାହୁ, ପ୍ରାଚୀନା ଦାସ, ବାବୁଲି ସ୍ୱାଇଁ, ଶ୍ରୀବନ୍ତପୁର ସଞ୍ଜୟ ପାଣି, ନରାଜ କୃଷ୍ଣଚନ୍ଦ୍ର ନାୟକ, ସୁକାନ୍ତ ମହାରଣା, ପପିନ ମହାପାତ୍ର, ରୋଜାଲିନ ବାହୁବଳେନ୍ଦ୍ର, ଆଦିତ୍ୟ ପାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ନନ୍ଦନକାନନରେ ଚଉଶିଙ୍ଘା ଶାବକ ଜନ୍ମ

ତ୍ରିଶୂଳିଆ,୧୧।୨(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନର ତୃଣଭୋଜି ସଫାରୀରେ ରହୁଥିବା ଏକ ମାଈ ଚଉଶିଙ୍ଘା ମଙ୍ଗଳବାର ଏକ ଶାବକ ଜନ୍ମ ଦେଇଛି। ଶାବକଟି ଜନ୍ମ ହେବା ପରେ ମା' ଓ ଶାବକ ସୁସ୍ଥ ଥିବା ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

### ପୂର୍ଣ୍ଣାଙ୍ଗ ଶିକ୍ଷାରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଙ୍କୀ,୧୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

କଟକ ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବାଙ୍କୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ବାଙ୍କୀ, କଳାପଥର, ମାତୃଛାୟା ଜାଗିଆପଡ଼ା, ସିଦ୍ଧେଶ୍ୱରପୁର ଆଦି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶଟ୍‌ପୁଟ ଥ୍ରୋ, ସ୍ଲୋ ସାଇକେଲ ରେସ, ଦୌଡ ପ୍ରତିଯୋଗିତା, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପୂର୍ଣ୍ଣାଙ୍ଗ ଶିକ୍ଷାରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କଟକ ଜିଲା ସଙ୍ଗଠକ ଶରତଚନ୍ଦ୍ର ମିଶ୍ର, ଆଞ୍ଚଳିକ ସଙ୍ଗଠକ ମାୟାଧର ସାହୁ, ବାଙ୍କୀ ଉପଖଣ୍ଡର ସଙ୍ଗଠକ କୌଶିକ ନାୟକ କହିଥିଲେ। ବାଙ୍କୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ଅଖିଳଚନ୍ଦ୍ର ବୀରବର ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ରୀଡା ଶିକ୍ଷକ ଅଶୋକ କୁମାର ରାଜ, ଅଧ୍ୟକ୍ଷ ସତ୍ୟନାରାୟଣ ସାହୁ, କିଶୋର ଚନ୍ଦ୍ର ସାମଲ, ପ୍ରଫୁଲ୍ଲ ବସନ୍ତରା, ବିଜୟ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ନୀତିଶିକ୍ଷା ଦେବା ମା' ବାପାଙ୍କ ପ୍ରଥମ କର୍ତ୍ତବ୍ୟ




ଜଲ୍‌ସାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ତିଗିରିଆ, ୧୧।୨(ଜାଫର ଖାଁ)

ଠିକ ନୀତିଶିକ୍ଷା ସଠିକ ମାର୍ଗ ଦେଖାଇଥାଏ ଓ ପାପ ହେଉଛି ବିଷ ସଦୃଶ ବୋଲି ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଲ ଜାମା ମସ୍‌ଜିଦଠାରେ ଆୟୋଜିତ ଜଲସାରେ ଅତିଥିମାନେ କହିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଜମାତ୍ ଅହମ୍ମଦିୟା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟିର ଭାରପ୍ରାପ୍ତ ସଭାପତି ରୋଶନ ଖାଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମୌଲାନା ଏହେସାନ ଅହମ୍ମଦ ପବିତ୍ର କୋରାନ ଶ୍ଳୋକ ପାଠ କରିଥିଲେ। ମୌଲାନା ମହମ୍ମଦ ଆକ୍ରମ, ମୌଲାନା ଫଜଲେ ଉମର ଉର୍ଦ୍ଦୁ କବିତା(ନଜମ) ପାଠ କରିଥିଲେ।

ମୁଖ୍ୟଅତିଥି ଭାବେ କଟକ ଜିଲା ଜମାତ ଅହମ୍ମଦିୟା ସଭାପତି (ଅମିର) ମୌଲାନା ସେକ୍ ହାରୁନ ରସିଦ ପିଲାଙ୍କୁ ନୀତିଶିକ୍ଷା ଦେବା ମା'ବାପାଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ଜମାତ୍ ଅହମ୍ମଦିୟା ମୌଲାନା ସେକ୍ ନାସିରୁଦ୍ଦିନ ଯୋଗ ଦେଇ ମିଛ କହିବା, ପର ଚର୍ଚ୍ଚା କରିବା, ପ୍ରତ୍ୟକ୍ଷ ବା ପରୋକ୍ଷରେ ହଇରାଣ କରିବା, ଡରାଇ ଧମକାଇ କାହାଠାରୁ ହଡ଼ପ କରିବାକୁ ପାପ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ମୌଲାନା ସାହାଦତ ଖାଁ ଯୋଗ ଦେଇଥିଲେ ଏହି ଜଲସାରେ ଗ୍ରାମର ପୂର୍ବତନ ସଭାପତି ଅବଦୁଲ ଇସ୍‌ମାଇଲ ଖାଁ, ଫର୍ଜନ ଅଲ୍ଲୀ ଖାଁ, ମହମ୍ମଦ ଜାଫର ଅଲ୍ଲୀ, ମୌଲାନା ସେକ ସମସୁଲ, ଓ ପଙ୍କାଳ ଯୁବ ଅହମ୍ମଦିୟା ସଭାପତି ୟାମିନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଶ୍ରୀଶ୍ରୀ ତୃତୀୟା ଦେବଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଙ୍କୀ,୧୧।୨(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡର ଆରାଧ ଦେବତା ଶ୍ରୀଶ୍ରୀ ତୃତୀୟା ଦେବ ଜୀଉ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦେବୀ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ କଳସ ଯାତ୍ରାରେ ସାମିଲ ହୋଇଥିଲେ। ମହାନଦୀ କୂଳରେ ରୀତିନୀତି ଅନୁଯାୟୀ ଘଟ ପୂଜନ କାର୍ଯ୍ୟକ୍ରମ ପରେ କଳସଧାରିମାନେ ଗ୍ରାମ୍ୟ ପରିକ୍ରମା କରି ତୃତୀୟା ଦେବଙ୍କ ପୀଠରେ ପହଞ୍ଚି ଥିଲେ। ରବିବାର ସନ୍ଧ୍ୟାରେ ଅଙ୍କୁରାରୋପଣ ଓ ଖୋଟି ଚିତ୍ରାଙ୍କନ, ସୋମବାର କଳସ ଯାତ୍ରା, ମଙ୍ଗଳବାର ସୂର୍ଯ୍ୟପୂଜା ଏବଂ ଚଣ୍ଡୀ ଆହୁତି ଘୃତ ପ୍ରଦାନ କରାଯାଇଥିଲା। ପଣ୍ଡିତ ଲିଙ୍ଗରାଜ ତ୍ରିପାଠୀ, ବିଭୁପ୍ରସାଦ ଦାଶ, ଖଗେନ୍ଦ୍ର ନାରାୟଣ ତ୍ରିପାଠୀ, ରାଜକିଶୋର ତ୍ରିପାଠୀ, ଗୁରୁଚରଣ ନନ୍ଦ, ସୁଧାକର ଶତପଥୀ, ସରୋଜ କୁମାର ତ୍ରିପାଠୀ, ଜଗଦିଶ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ସୁଚାରୁରୂପେ ତୁଲାଇ ଥିଲେ। ହରପ୍ରସାଦ ପଣ୍ଡା, ପୁଷ୍ପାଞ୍ଜଳି ପଣ୍ଡା, ପ୍ରଦୀପ କୁମାର ପଣ୍ଡା ଓ ମମତା ପଣ୍ଡା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ବୁଧବାର ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ କରାଯିବ। ଶ୍ରୀ ଜୀଉଙ୍କ ପରିଚାଳନା କମିଟି ପରିଚାଳକ ଦେବୀ ପ୍ରସାଦ ପଣ୍ଡା, ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ପଣ୍ଡା, ରଞ୍ଜନ କୁମାର ପଣ୍ଡା, ରଣଜିତ୍ ପଣ୍ଡାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଶହୀଦ ସ୍ମୃତି ସ୍ତମ୍ଭ ପୁନଃନିର୍ମାଣ ଦାବି




ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ କରାଯାଉଛି।

ବାଙ୍କୀ,୧୧।୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ପ୍ରଶାସନ ପକ୍ଷରୁ ୩ ବର୍ଷ ପୂର୍ବେ ଭାଙ୍ଗି ଦିଆଯାଇଥିବା ଶହୀଦ ସ୍ମୃତିସ୍ତମ୍ଭକୁ ପୁନଃ ନିର୍ମାଣ କରିବାକୁ ବାଙ୍କୀ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ଡମପଡ଼ା ବ୍ଲକ ଜାତମୁଣ୍ଡିଆ ଛକ ପାହାଡ ପାର୍ଶ୍ୱରେ ସଂଘ ପକ୍ଷରୁ ବାଙ୍କୀ ମାଟିର ଶହୀଦ ସୁରେନ୍ଦ୍ର କୁମାର ରାଉତଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏହାକୁ ସରକାରୀ ଜାଗା ଦର୍ଶାଇ ବିନା କୌଣସି ସୂଚନାରେ ଭାଙ୍ଗି ଦିଆଯାଇଥିଲା। ଶହୀଦମାନଙ୍କ ସ୍ମୃତି ପ୍ରତି ପ୍ରଶାସନର ଏଭଳି କାର୍ଯ୍ୟକୁ ସେତେବେଳେ ସର୍ବସାଧାରଣରେ ନିନ୍ଦା କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ଅନ୍ୟତ୍ର ଏହି ସ୍ତମ୍ଭ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ହୋଇ ପାରି ନ ଥିବାରୁ ସଂଘର ଅଷ୍ଟମ ବାର୍ଷିକ ଉତ୍ସବରେ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସଭାପତି ବ୍ରଜବନ୍ଧୁ ପଣ୍ଡାଙ୍କ ପୌରୋହିତ୍ୟରେ ସ୍ଥାନୀୟ ମା' ରତ୍ନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ଆଗାମୀ ଦିନର ବିଭିନ୍ନ ସାମାଜିକ ଓ ଗଠନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଶହୀଦ ସୁରେନ୍ଦ୍ର କୁମାର ରାଉତଙ୍କ ସମେତ ୪ ଜଣ ଦିବଂଗତ ସଂଘ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ସୂର୍ଯ୍ୟ ନାରାୟଣ ସାମନ୍ତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ରାମଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଜିଟାଲ ଯୁଗର ସୁବିଧା ନିଅନ୍ତୁ ଛାତ୍ରୀଛାତ୍ର

ବାଙ୍କୀ,୧୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର-ଧଳାପଥର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୁଲ୍ୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁନନ୍ଦ କୁମାର ଛାଟୋଇ ଏଥିରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ହୃଷିକେଶ ତ୍ରିପାଠୀ ଯୋଗଦେଇ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଡିଜିଟାଲ ଯୁଗର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବା ସହ ଅହଂକାରକୁ ତ୍ୟାଗ କରିପାରିଲେ ସମାଜରେ ସୁନାଗରିକ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ଯୋଗଦେଇ ଥିଲେ। ଅଧ୍ୟାପିକା ମମତା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ମୌସମୀ ପଟେଲ ଓ କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ରଙ୍କ ସହଯୋଗରେ ପୁରସ୍କାର ବିତରଣ କରାଯାଇଥିଲା। ଚଳିତ ବର୍ଷ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ଶୁଭମ କୁମାର ନାୟକ ଓ ପାୟଲ ଦଳେଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଲିଟିରିଆଲି ଚାମ୍ପିୟନ ଭାବେ ଗାୟତ୍ରୀ ବାରିକ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଅଧ୍ୟାପିକା ତୃପ୍ତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଧ୍ରୁବ ଚରଣ ମହାପାତ୍ରଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଏକ ଲକ୍ଷରୁ ଊର୍ଦ୍ଧ୍ୱଙ୍କୁ ବଣ୍ଟନ ହେବ କୃମିନାଶକ ଔଷଧ

**ଜାତୀୟ କୃମିନାଶକ, ଫାଇଲେରିଆ ନିରାକରଣ ଦିବସ**

ବାଙ୍କୀ, ୧୧।୨( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମିନାଶକ ଓ ଫାଇଲେରିଆ ନିରାକରଣ ଦିବସ ସଚଳା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା. ଅମରେଶ ସାହୁ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ଫାଇଲେରିଆ ନିରାକରଣ ଅଭିଯାନ ଗତ ୧୦ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ସୁବର୍ଣ୍ଣପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ୨୦ ପଞ୍ଚାୟତର ୧ ଲକ୍ଷ ୧୬ ହଜାର ୪୦୦ ଜଣଙ୍କୁ ଔଷଧ ବିତରଣ କରାଯିବ। ୪୬୦ ଜଣ ତାଲିମପ୍ରାପ୍ତ ଆଶା, ଅଙ୍ଗନୱାଡି କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲିବା ସହ ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଔଷଧ ସେବନ କରାଇବେ। ଏଥିସହ ଫାଇଲେରିଆ ରୋଗ କିପରି ଦୂର ହୋଇପାରିବ ସେ ସମ୍ପର୍କରେ ସଚେତନ କରାଇବେ ବୋଲି ଅଧ୍ୟକ୍ଷ ଡା. ସାହୁ କହିଛନ୍ତି। ୨ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ରୋଗୀଙ୍କୁ ଏହି ଔଷଧ ବିତରଣ ନ କରିବା ପାଇଁ ଅଧ୍ୟକ୍ଷ ଡ.ସାହୁ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତାମୂଳକ ସଙ୍ଗୀତ, ଡିବେଟ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଫଟୋରେ ଖବର**




କଟକ ଟାଉନ୍‌ହଲରେ ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀରେ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ବୋଧନ ଦେଉଛନ୍ତି।




ଭାରତୀୟ ନିର୍ବାସିତମାନଙ୍କ ପ୍ରତି ଅମାନୁଷିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସିପିଆଇ(ଏମ୍) ପକ୍ଷରୁ ମଙ୍ଗଳବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**ଅଷ୍ଟପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ**

ସାକ୍ଷୀଗୋପାଳ,(ଭରତ ରାଉତ)- ସତ୍ୟବାଦୀ ବ୍ଲକ ଅଧୀନ ଲୋକକଳା ଗ୍ରାମ ସାରଙ୍ଗଯୋଡି ବାଇଁଶିବାଡ଼ିରେ ୨୮ତମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆରାଧ ଠାକୁର ଆର୍ତ୍ତତ୍ରାଣ ଗାଦିଗୃହ ପ୍ରାଙ୍ଗଣରେ ୩ ଦିନ ଧରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମବାସୀଙ୍କ ମିଳିତ ଆୟୋଜନରେ କାର୍ଯ୍ୟକ୍ରମକୁ ବୁଦ୍ଧନାଥ ନାୟକ, ରାକେଶ ପଲେଇ, ଚନ୍ଦନ ପ୍ରଧାନ, ବିଷ୍ଣୁ ପ୍ରସାଦ ପରିଡ଼ା, ସୁରେନ୍ଦ୍ର ନାୟକ, ଧୁଳିଆ ନାୟକ, ପ୍ରକାଶ ପଲେଇ ହାଲୁ ପ୍ରଧାନ, ମାନସ ନାୟକ, ହାଡୁବନ୍ଧୁ ନାୟକ ପରିଚାଳନା କରିଥିଲେ। ସନାତନ ମହାରଣା, ସମୀର ପଲେଇ, ରବୀନ୍ଦ୍ର ନାୟକ, ବିକୁଲା ପଲେଇ ଏଥିରେ ସାହାଯ୍ୟ କରିଥିଲେ। ବାବାଜୀ ରୁଦ୍ରନାରାୟଣ ଦାସ କୁଳ ପୁରୋହିତ କବି ଭାଇନା ଆଠ ପ୍ରହର ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୨।୨୦୨୫

| | |
|---|---|
| ୪,୭୧,୬୦୨ ଟଙ୍କା | |
| ସୁନା | ୧୯.୪୦୦ ଗ୍ରାମ୍ |
| ରୁପା | ୪୬ ଗ୍ରାମ୍ |

## ସଂକ୍ଷେପରେ

### ସାଇବର ଅପରାଧୀଙ୍କଠାରୁ ସୁରକ୍ଷିତ ରହିବାକୁ ପରାମର୍ଶ

ପୁରୀ,୧୧।୨(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର 'ସୁରକ୍ଷିତ ଇଣ୍ଟରନେଟ୍' ଦିବସ ସମ୍ପର୍କରେ ଏକ କର୍ମଶାଳା ଅଧକ୍ଷ ଡ. ମିହିର ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଫେସର ମହେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ 'ସୁରକ୍ଷିତ ଇଣ୍ଟରନେଟ୍' ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଧକ୍ଷ ଡ. ମିଶ୍ର ସାଇବର ଅପରାଧ ଓ ସାଇବର ଠକମାନଙ୍କଠାରୁ ନିଜକୁ ସୁରକ୍ଷା ପ୍ରଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ସାଇବର ଅପରାଧଠାରୁ ଇଣ୍ଟରନେଟ୍ ବ୍ୟବହାରକାରୀ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ତାହାର ବୈଷୟିକ ସାବଧାନତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗାପ୍ରସାଦ ଜେନା, ଅନ୍ୟତମ ଅତିଥି ଭାବେ ପ୍ରୋଗ୍ରାମର ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରୋଗ୍ରାମର ଅନିରୁଦ୍ଧ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ବେଦିକ ଟେକ୍ନୋ ସ୍କୁଲର ସାଂସ୍କୃତିକ ଉତ୍ସବ

ପିପିଲି,୧୧।୨( ପ୍ରଭାତ କୁମାର ମହାପାତ୍ର)

ପିପିଲିସ୍ଥ ବେଦିକ ଟେକ୍ନୋ ସ୍କୁଲର ୧୫ତମ ସାଂସ୍କୃତିକ ଉତ୍ସବ 'ଉଡାନ' ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସୁଧୀରଶାନ୍ତ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରତିଭା ଗ୍ରୁପ ଅଫ୍ କଲେଜ ଅଧକ୍ଷ ସୁନୀଲ ରାଉତ, ସମ୍ମାନିତ ଅତିଥି ଭାବେ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ସ୍ମୃତି ଶିକ୍ଷା ଗ୍ରୁପ ମୁଖ୍ୟ ଓ.ପି. ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରିନ୍ସିପାଲ ଶୁଭଶ୍ରୀ ପଣ୍ଡାଙ୍କ ପରିଚାଳନାରେ ବିଭିନ୍ନ ପ୍ରତିଯୋଗିତା ଓ ଶୈକ୍ଷିକ କୃତିତ୍ୱ ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁନୁ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ଉଡାନ', ଯାହାକି ଓଡ଼ିଶାର ବିବିଧ କଳା ନୃତ୍ୟ ସଙ୍ଗୀତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# ମରାମତି ପାଇଁ ଏଏସ୍‌ଆଇକୁ ଅଧିକ ସମୟ ଦିଆଯିବ

## ରତ୍ନ ଭଣ୍ଡାର ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ,୧୧।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସହ ଏଏସ୍‌ଆଇ ପକ୍ଷରୁ କରାଯାଉଥିବା ମନ୍ଦିରର ଅନ୍ୟ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହ ଏଏସ୍‌ଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଗେଇ ଚାଲିଛି। ତେବେ ୩ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ବିଗତ ଦିନରେ ନୀତି ବହୁଳ ମାସ ରହିଥିଲା ଓ ସମୟ ମଧ କମ୍ ମିଳିଥିଲା। ଏପରିକି ଭକ୍ତଙ୍କ ଭିଡ଼ ଓ ନୀତି ବହୁଳ କାରଣରୁ କାର୍ଯ୍ୟକୁ ମଧ ସ୍ଥଗିତ ରଖାଯାଉଛି। ଆବଶ୍ୟକ ପଡ଼ିଲେ କାର୍ଯ୍ୟ ପାଇଁ ଅଧିକ ସମୟ ପ୍ରଦାନ କରାଯିବ। ଏହି ରତ୍ନଭଣ୍ଡାର କାର୍ଯ୍ୟ ଏକ ପ୍ରମୁଖ କାର୍ଯ୍ୟ। ତେଣୁ ଏଏସ୍‌ଆଇ ଯଦି ଅଧିକ ସମୟ ନେଇ କାର୍ଯ୍ୟ କରିବ ତେବେ ତାଙ୍କୁ ଦିଆଯିବ। ସେବାୟତଙ୍କ ସହ ଆଉଥରେ ଆଲୋଚନା କରାଯିବ, ଯେପରି ଦୈନିକ ୪ରୁ ୫ ଘଣ୍ଟା ସମୟ ଏଏସ୍‌ଆଇକୁ ଦିଆଯାଇପାରିବ। ଏଥିସହ ଶ୍ରୀମନ୍ଦିରର ଅନ୍ୟ କାର୍ଯ୍ୟ ତଥା ପାର୍ଶ୍ୱ ଦେବଦେବୀ ମନ୍ଦିର କାର୍ଯ୍ୟ ନେଇ ମଧ ଆଲୋଚନା କରାଯାଇଛି।

ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ କହିଛନ୍ତି, ରତ୍ନଭଣ୍ଡାରର କେଉଁ କାର୍ଯ୍ୟ ବାକି ରହିଛି ସେ ନେଇ ଆଲୋଚନା ହୋଇଥିଲା। ନୀତି ବହୁଳ ମାସ ରହିଥିବାରୁ ଯେଉଁ ପରିମାଣରେ କାର୍ଯ୍ୟ ପାଇଁ ସମୟ ମିଳିବା କଥା ସେହି ପରିମାଣରେ ସମୟ ମିଳି ନାହିଁ। ତେଣୁ କାର୍ଯରେ ବିଳମ୍ବ ହେଇଛି। ଭିତର ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ବାହାର ରତ୍ନଭଣ୍ଡାର କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବଦେବୀ ମନ୍ଦିର ଗୁଡ଼ିକର କାର୍ଯ୍ୟ କରାଯାଉଛି। ଆଗାମୀ ଦିନରେ ମେଘନାଦ ପାଚେରି କାର୍ଯ୍ୟ କରାଯିବ ବୋଲି ଗଡ଼ନାୟକ ସୂଚନା ଦେଇଛନ୍ତି।



ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ।

# ଆଜି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

ପୁରୀ,୧୧।୨(ଅଜିତ୍ କୁମାର ମହାନ୍ତି)

ମାଘ ପୂର୍ଣ୍ଣିମା ଅବସରରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ସରିବା ପରେ ଅନୁଷ୍ଠିତ ହେବ। ଦ୍ୱିପ୍ରହର ଧୂପ ପରେ ମହାପ୍ରଭୁଙ୍କୁ ପତନି ଲାଗି କରାଯିବ। ଘଟୁଆରୀଙ୍କ ଦ୍ୱାରା ଘୋରା ହୋଇଥିବା ଚନ୍ଦନକୁ ରୁପା ପିଙ୍ଗଣରେ ପାଳିଆ ପୁଷ୍ପାଳକ ଆଣିବା ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି କରାଯିବ। ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘରେ ଏକ ଖଟ ଉପରେ ବିଜେ କରାଇବେ। ପରେ ମହାପ୍ରଭୁଙ୍କ ଏହି ବେଶ ଅନୁଷ୍ଠିତ ହେବ। ଗଜ ଉଦ୍ଧାରଣ ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି। ଗଜ ଉଦ୍ଧାରଣ ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହେବେ। ପରେ ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯିବ। ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ଅନୁଷ୍ଠିତ ହେବ।

# ନିମାପଡ଼ାର ସ୍ନେହାଶ୍ରୀଙ୍କୁ ୨ ସ୍ୱର୍ଣ୍ଣ



ସ୍ନେହାଶ୍ରୀ ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ନିମାପଡ଼ା,୧୧।୨(ବିଚିତ୍ରାନନ୍ଦ ସାହୁ)

ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଖେଲୋ ଟାଏକୋଣ୍ଡୋ ୟୁ ୟୁଥ୍ ସ୍ପୋର୍ଟ୍ସ ଫେଡେରେଶନ ପକ୍ଷରୁ ଛତିଶଗଡ଼ର ବିଳାସପୁରଠାରେ ଗତ ୮ ଓ ୯ ତାରିଖରେ ଆୟୋଜିତ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପରେ ଅଂଶଗ୍ରହଣ କରି ସ୍ନେହାଶ୍ରୀ ସଫଳତା ହାସଲ କରି ପୁରୀ ଜିଲା ଓ ନିମାପଡ଼ାକୁ ଗୌରବାନ୍ୱିତ କରିଛନ୍ତି। ନିମାପଡ଼ା ବ୍ଲକ ଅଧୀନ କୁଆଁସ ଗ୍ରାମର ତପନ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ଝିଅ ସ୍ନେହାଶ୍ରୀ ଏବେ ନିମାପଡ଼ା କଳିଙ୍ଗ ଇଣ୍ଟରନ୍ୟାଶନାଲ ସ୍କୁଲର ଏଲ୍‌କେଜି ଶ୍ରେଣୀରେ ଅଧ୍ୟୟନ କରିବା ସହ ନିମାପଡ଼ା ଅମିତ୍ ଟାଏକୋଣ୍ଡୋ ଆସୋସିଏଶନର ମାଷ୍ଟର କୋଚ ଅମିତ କୁମାର ରାଉତଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଏହି ସଫଳତା ପାଇଁ ସ୍ନେହାଶ୍ରୀ ଭଗବାନ, କୋଚ ଅମିତ ଓ ମାତାପିତାଙ୍କୁ ଶ୍ରେୟ ଦେଇଛନ୍ତି। କୋଚ ଅମିତ, ଓଡ଼ିଶା ରୟାଲ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ମିମାଂଶୁ ଶେଖର ପ୍ରଧାନ, ଯୁଗ୍ମ ସମ୍ପାଦକ ପାର୍ଥ ସାରଥି ରାଉତ, ନିର୍ମଳ ମିଶ୍ର, ମୃତ୍ୟୁଞ୍ଜୟ ଦାଶ, କୈଳାସ ପଣ୍ଡା, ସୁରେଶ ଦାଶ ପ୍ରମୁଖ ସ୍ନେହାଶ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ମହଲରୁ ମଧ ଶୁଭେଚ୍ଛାର ସୁଅ ଛୁଟୁଛି।

# କାର୍ ଧକ୍କାରେ ଛାତ୍ର ମୃତ, ରାସ୍ତାରୋକୋ



କାଦୁଆଠାରେ ଛାତ୍ରଙ୍କ ମୃତଦେହ ରଖି ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

- ସତ୍ୟବାଦୀ ଥାନାରେ ୨ ଅଭିଯୋଗ
- ପ୍ରତିଶ୍ରୁତି ପରେ ଧାରଣା ହଟିଲା

ସାକ୍ଷୀଗୋପାଳ,୧୧।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଏକ କାର୍ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନପୁର ଥାନା ଅଧୀନ ଅରେଇପଡ଼ା ଗ୍ରାମର ଗଙ୍ଗାଧର ଭୋଳଙ୍କ ପୁଅ ଦିବ୍ୟରଞ୍ଜନ ଭୋଳ (୧୩)। ଏହାକୁ କେନ୍ଦ୍ର କରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର କାଦୁଆ ଛକ ନିକଟରେ ସ୍ଥାନୀୟ ଲୋକେ ମଧ୍ୟାହ୍ନ ୧୨ଟା ୩୦ରୁ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଛାତ୍ରଙ୍କ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ିମୋଟର ଅଟକିରହିଥିଲା। ଏନେଇ ସତ୍ୟବାଦୀ ଥାନାରେ ୨ଟି ଅଭିଯୋଗ ହୋଇଛି। ଗଙ୍ଗାଧର ଏକ ଅଭିଯୋଗ କରିଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକେ ଅନ୍ୟ ଏକ ଅଭିଯୋଗ କରିଛନ୍ତି। ସତ୍ୟବାଦୀ ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ ସହ ମକଦ୍ଦମା ରୁଜୁକରି ଚାଳକ ଭୁବନେଶ୍ୱର ଢୁମୁଡୁମା ଅଞ୍ଚଳର ମାନସ ସାହୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଗଙ୍ଗାଧରଙ୍କ ଅଭିଯୋଗ ଅନୁଯାୟୀ, ଦିବ୍ୟରଞ୍ଜନ ସାଇକେଲ ଯୋଗେ ଟ୍ୟୁଶନ ଯାଉଥିବା ବେଳେ ଏକ କାର୍ (ଓଡି-୦୨-ସିଜେଡ୍-୯୫୯୪) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱରସ୍ଥ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀକୁ ବ୍ୟବଚ୍ଛେଦ ନିମନ୍ତେ ଯାଉଥିବାବେଳେ କାଦୁଆ ଛକ ନିକଟରେ ସ୍ଥାନୀୟ ଲୋକେ ଓ ପରିବାର ମୃତଦେହ ରଖି ରାସ୍ତା ଅବରୋଧ ସହ ନାରାବାଜି କରି ନ୍ୟାୟ ଦାବି କରିଥିଲେ। ଖବରପାଇ ସତ୍ୟବାଦୀ ବ୍ଲକ୍ ଅଧକ୍ଷ ସୁନୀଲ କୁମାର ପଣ୍ଡା ଓ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଓ ସତ୍ୟବାଦୀ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ୧ ପ୍ଲାଟୁନ ଫୋର୍ସଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କ ସହ ଆଲୋଚନାକରି ରେଡ୍‌କ୍ରସ୍ ପକ୍ଷରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ମୃତ ଛାତ୍ରଙ୍କ ପରିବାରଙ୍କୁ ସହାୟତା ନିମନ୍ତେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

## ୧୮୭ ମଣ୍ଡି ମାଧ୍ୟମରେ ୮,୪୪,୬୨୦ କୁଇଣ୍ଟାଲ ଧାନ କ୍ରୟ

ପୁରୀ,୧୧।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ୧୧ଟି ବ୍ଲକ୍‌ରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ୍ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଆର୍‌ଏମସି ପକ୍ଷରୁ କୃଷକମାନଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର କୃଷକମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲାପାଳ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ୍ ଋତୁରେ ପଞ୍ଜୀକୃତ ୪୮ ହଜାର ୯୬୪ କୃଷକଙ୍କ ଠାରୁ ୧୧ଲକ୍ଷ ୬୮ ହଜାର ୬୦୨ କୁଇଣ୍ଟାଲ ୯୪ କି.ଗ୍ରା. ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଚଳିତ ମାସ ୧୧ ତାରିଖ ସୁଦ୍ଧା ଖୋଲାଯାଇଥିବା ସମସ୍ତ ୧୮୭ଟି ମଣ୍ଡିରେ ୨୦ ହଜାର ୩୩୩ କୃଷକଙ୍କଠାରୁ ୮ଲକ୍ଷ ୪୪ ହଜାର ୬୨୦ କୁଇଣ୍ଟାଲ ୪୮ କି.ଗ୍ରା. ଧାନ ସଂଗ୍ରହ ହୋଇଛି। ୧୮ହଜାର ୭୦୦ ଜଣ କୃଷକଙ୍କୁ ୧୮୦ କୋଟି ୩୧ ଲକ୍ଷ ୪୯ ହଜାର ୯ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୧୬ ହଜାର ୮୦୪ ଜଣ କୃଷକ ୧୬କୋଟି ୩୧ ଲକ୍ଷ ୫ ହଜାର ୬୦୪ ଟଙ୍କା ବ୍ୟାଙ୍କ ମାଧ୍ୟମରେ ପାଇଛନ୍ତି। ପର୍ଯ୍ୟାୟକ୍ରମେ କୃଷକମାନେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି।

# କଣାସ ଅଞ୍ଚଳରେ ଥମିଲା ଝାଡ଼ାବାନ୍ତି

କଣାସ,୧୧।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଡିସେମ୍ବର ପ୍ରଥମ ସପ୍ତାହରୁ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ଝାଡ଼ାବାନ୍ତି ଆରମ୍ଭ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଦିନକୁ ଦିନ କଳାପଦର, ଗୋପୀନାଥପୁର, ପାଇକମରା, ହରିହରପାଟଣା, ଯାମଳଗୋଦା, ଗଡିଶାଗୋଦା ପ୍ରଭୃତି ଆଖପାଖ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୀ ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ରୂପଭାନୁ ମିଶ୍ର ବାରମ୍ବାର ଝାଡାବାନ୍ତି ଅଞ୍ଚଳ ଗସ୍ତ କରିଥିଲେ। ଦୟାନଦୀର ଜଳ ପ୍ରଦୂଷିତ କାରଣରୁ ଗାଁରେ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିବାରୁ ନଦୀ କୂଳସ୍ଥ ୪୨ ଗ୍ରାମକୁ ନଦୀଜଳ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଝାଡ଼ାବାନ୍ତି ଲାଗିରହିଥିବା ଗ୍ରାମଗୁଡ଼ିକରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ୨୨ ଗ୍ରାମରେ ୩୪ଟି ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଚାଲୁ ରହିଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନୂଆଗାଁ ଓ ଜାଗୁଲାଇପଦର ଗ୍ରାମରେ ୨ଟି ଅସ୍ଥାୟୀ ସ୍ୱାସ୍ଥ୍ୟସେବା କେନ୍ଦ୍ର ଖୋଲାଯାଇ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ଗାଁ ଗାଁ ବୁଲି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ସେହିପରି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁରୀରୁ ୩ ଜଣ ଡାକ୍ତର ଆସି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି ଝାଡ଼ାବାନ୍ତି ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ଜଳ ଫୁଟାଇ ପିଇବାକୁ ନିର୍ଦ୍ଦେଶ ଦେବା ସହ ଜଳ ବିଶୋଧନ ପାଇଁ ହାଲୋଜିନ ବଟିକା ଦେଉଛନ୍ତି, ଯାହା ଦ୍ୱାରା ୫ ଦିନ ହେଲା କେହି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନ ଥିବା ଜଣାପଡ଼ିଛି।

# ୯୮୬ କୁଶଳୀ ଶ୍ରମିକ, ଅଣକୁଶଳୀ ଶ୍ରମିକଙ୍କୁ ଭତ୍ତା ବଣ୍ଟନ

ପୁରୀ,୧୧।୨(ଅଜିତ୍ କୁମାର ମହାନ୍ତି)

ଜିଲା ପ୍ରଶାସନ ଓ ଜିଲା ଶ୍ରମିକ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରୁ କୁଶଳୀ ଶ୍ରମିକ ଓ ଅଣକୁଶଳୀ ଶ୍ରମିକଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଜିଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ବିଧାୟକ ସୁନୀଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତଚନ୍ଦ୍ର ବେହେରା ଜିଲାର ୯୮୬ ଜଣ ହିତାଧିକାରୀଙ୍କୁ ଚେକ୍ ବଣ୍ଟନ କରିଛନ୍ତି। ବୈଠକର ଜିଲା ଶ୍ରମ ଅଧିକାରୀ ପ୍ରଜ୍ଞା ପରମିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୃତ୍ୟୁକାଳୀନ ଭତ୍ତା, ଶିକ୍ଷା, ଝିଅ ବିବାହ କରିବା ପାଇଁ ସହାୟତା ଭତ୍ତା, ପ୍ରସୂତୀକାଳୀନ ଭତ୍ତା ଆଦି ପ୍ରଦାନ ଜିଲାରେ ଅଣକୁଶଳୀ ସଂଗଠନ ୧ଲକ୍ଷ ୬୦ ହଜାର ରେଜିଷ୍ଟ୍ରେସନ କରିଛନ୍ତି, ଏବଂ ୧୧,୦୦୦ କୁଶଳୀ ସଂଗଠନ ରେଜିଷ୍ଟ୍ରେସନ କରିଛନ୍ତି। ସେଥିମଧ୍ୟରୁ ମୋଟ ୯୮୬ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ମହାନ୍ତି କହିଛନ୍ତି, ବର୍ଷକରେ ପ୍ରତି ବ୍ଲକ୍‌ରେ ୪ ଥର ଲେଖାଏଁ କର୍ମଶାଳା କରାଯାଉ ବୋଲି ବୋଲି ପ୍ରଶାସନକୁ ଅନୁରୋଧ କରିଛନ୍ତି। ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ବେହେରା କହିଛନ୍ତି, ସରକାରଙ୍କ ଯେଉଁ ଯୋଜନା ଅଛି, ତାକୁ କାର୍ଯ୍ୟକାରୀ କରିବା ଏବଂ ଲୋକଙ୍କ ପାଖରେ ସଫଳ କାର୍ଯ୍ୟ ପହଞ୍ଚାଇବା ପାଇଁ ପ୍ରଶାସନକୁ ପରାମର୍ଶ ଦେଉଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ କମିଶନର ଚୌଧୁରୀ ପ୍ରତାପ ଜେନା, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି ବିଧାୟକ ସୁନିଲ ମହାନ୍ତି ।

## ସାହସପୁରରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୧୧।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମର ଆରାଧ ଠାକୁର ଗଟୀଶ୍ୱର ଦେବଙ୍କ ପୀଠରେ ୪୩ ତମ ବିଶ୍ୱଶାନ୍ତି ମହାଯଜ୍ଞ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳର ବହୁ ଭକ୍ତମାନେ ଠାକୁରଙ୍କ ପୀଠରେ ପହଞ୍ଚି ପ୍ରଭୁକୃପା ଲାଭ କରିଥିଲେ। ପଣ୍ଡିତ ନାରାୟଣ ମହାପାତ୍ର ଏବଂ ସାଥୀ ସହଯୋଗୀ ଯଜ୍ଞକାର୍ଯ୍ୟ ପରିଚାଳନା ଓ ବେଦମନ୍ତ୍ର ଉଚାରଣ କରିଥିଲେ। ଚିତ୍ରସେନ ସାହୁ ତାଙ୍କ ସ୍ତ୍ରୀ ଝରଣା ସାହୁ କର୍ତ୍ତା ଭାବେ ଯୋଗ ଦେଇଥିଲେ।

# ଆଇନ ସମସ୍ତଙ୍କ ପାଇଁ ସମାନ

## ବ୍ଲକ୍‌ସ୍ତରୀୟ ଆଇନ ସଚେତନତା ଶିବିର

ପୁରୀ,୧୧।୨(ଅଜିତ୍ କୁମାର ମହାନ୍ତି)

ଆମ ରାଷ୍ଟ୍ର ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ। ଆଇନ ସମସ୍ତଙ୍କ ପାଇଁ ସମାନ। ଆଇନକୁ ଠିକ୍ ଭାବେ ବୁଝିବା ସହ ଉପଯୋଗ ପାଇଁ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ମତ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଟାଉନ୍ ହଲ୍ ଠାରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ସଦର ବ୍ଲକ୍‌ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହାନ୍ତି ଯୋଗଦେଇ କହିଛନ୍ତି, ଶିଶୁଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆଇନରେ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଏଡିଏମ୍‌ଓ ଡ. ବିନୋଦ ବିହାରୀ ରଥ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆକ୍ସନଏଡ୍ ଜିଲା ସଂଯୋଜକ ରଞ୍ଜିତା ଦାସ, ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ, ସୁହାଗୀ ହେମ୍ବ୍ରମ, ସଦର ସିଡିପିଓ ଗୀତାଞ୍ଜଳି ନାୟକ, ମ୍ୟୁନିସିପାଲିଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ମହିଳାମାନଙ୍କ ସୁରକ୍ଷା ଓ ଅଧିକାର, ଘରୋଇ ହିଂସା, ବୟସ୍କଙ୍କୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଆଇନ ପରାମର୍ଶଦାତା ସୁଧୀର କୁମାର ଘୋଷ, ଆଇନ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ମାଷ୍ଟର୍ ଟ୍ରେନର ଭାବେ ବିସ୍ତୃତ ସୂଚନା ଓ ତଥ୍ୟ ପ୍ରଦାନ କରି ପ୍ରଶିକ୍ଷଣ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଯୋଗ ଦେଇଥିଲେ।





ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

# ଶିବଲିଙ୍ଗ ଆକୃତିର ମନ୍ଦିରରେ ସନ୍ତରା ମହାଦେବ

ପୁରୀ,୧୧।୨(ଅଜିତ୍ କୁମାର ମହାନ୍ତି)



ଆଲୋଚନା ଚକ୍ରରେ ଉପସ୍ଥିତ ଶ୍ରୀନାରାୟଣୀ ବନ୍ତ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା ଓ ଅନ୍ୟମାନେ ।

ମନ୍ଦିରଟି ଶିବଲିଙ୍ଗ ଆକୃତିର। ଚାରିପଟେ ଥିଲା ସନ୍ତରାଗଛର ଜଙ୍ଗଲ। ପୂର୍ବରେ ଥିବା ଶିରିହଣାଡିହ ନଈବଢ଼ିରେ ଧୋଇଗଲା। ଜନଶୂନ୍ୟ। ପଶ୍ଚିମରେ ଥିଲା ଫଣଫଣାଡିହ। ତାହାକୁ ନଈପାଣି ସମତଳ କରିଦେଇଛି। ସନ୍ତରାବଣ ଦେଇ ନୂଆନଈରୁ ସୃଷ୍ଟି ହୋଇଥିବା ପ୍ରାକୃତିକ ନାଳ। ଏହି ନାଳଦେଇ ଜଳପଥରେ ଯାତାୟାତ ହେଉଥିଲା। ଦିନେ ଧାନ ବୋଝେଇ ନୌକାର କାତ ଲିଙ୍ଗରେ ବାଜିବାରୁ ଲିଙ୍ଗର ଚୂଳ କ୍ଷତ ସୃଷ୍ଟି ହୋଇଥିଲା। ଖରାଦିନରେ ଲୋକେ ପାଣିଭର୍ତ୍ତି ଗମ୍ଭୀରାର ଜଳ ବାହାର କରିବା ପରେ ସନ୍ତରାମହାଦେବ ପ୍ରସିଦ୍ଧ ହୋଇଗଲେ 'ଭଙ୍ଗଚୂଳ ମହାଦେବ'ଙ୍କ ନାମରେ। ଏବେ ଲୋକମୁଖରେ ସେ ପରିଚିତ ଭଙ୍ଗଚୁଆ ନାମରେ ଡାକହାକ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର।

ସ୍ଥାନଟି ପୁରୀ ସଦର ନୂଆନଈର ପୂର୍ବଦିଗରେ ୩ଟି ମୌଜାର ସଙ୍ଗମ ସ୍ଥଳରେ ଅବସ୍ଥିତ। କାଗଜାତରେ ଅଛି 'ବିଜେ ଥୋଡ଼ବ ମଉଜା ଶ୍ରୀନୀଳକଣ୍ଠେଶ୍ୱର ମହାଦେବ'। ଶ୍ରୀନୀଳକଣ୍ଠେଶ୍ୱର ବିଜେ ଶିରିହାଣ ମଉଜା ୮୭ ଡିସିମିଲି ୧୯୭୭ ମସିହାରେ ଥିଲା। ଏବେ ଗୋଚରରେ ପରିଣତ। ବର୍ଷାଦିନେ ଉଚ୍ଚକୂଳରେ ପାଣି ଫୁଲ ଓ ପୂଜା ଦ୍ରବ୍ୟ ନୈବେଦ୍ୟ ହେଉଥିଲା। ମନ୍ଦିରକୁ ଯିବାକୁ ରାସ୍ତା ନାହିଁ କି ଆଲୋକ ନାହିଁ। ଶଙ୍ଖୁଡ଼ି ରାନ୍ଧିବାକୁ ବ୍ୟବସ୍ଥା ହେଉନାହିଁ ତଥାପି ପ୍ରାଚୀନ ବିଶ୍ୱାସ ଓ ଆସ୍ଥାକୁ ନେଇ ଯାଉଛନ୍ତି। ବିଷାକ୍ତ ସର୍ପଘେରା ଜମିରେ ଲୋକେ ସନ୍ତରା ମହାଦେବଙ୍କ ନାମ ଉଚ୍ଚାରଣ କଲେ ତମ୍ପ ସାପ ମଧ ଅପସରି ଯାଆନ୍ତି। ନାଳିହଣା, ଭିଙ୍ଗୁରାଗଡ଼, ସୁନ୍ଦରଗଡ଼, ଭର, ସମଗରା, ବେଲଦଳ, ବାଲିଗୁଆଳି, ନାଟପାଟଣା ଓ ପଣପଣା ପ୍ରଭୃତି ୨୦ଟି ଗାଁର ଯୁବକଙ୍କ ସହଯୋଗରେ ଏକ ଆଲୋଚନାଚକ୍ର ଶ୍ରୀନାରାୟଣୀ ବନ୍ତ ଟ୍ରଷ୍ଟ ବୋର୍ଡର ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଲୋଚନା ପରେ ଏହି ପ୍ରାଚୀନ ଐତିହ୍ୟ ପୀଠର ବିକାଶ କରାଯିବ, ସମସ୍ତେ ଏକମତ ହୋଇଥିଲେ। ଡ. ମିଶ୍ର ଏଥିପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ ପାଇଁ ପ୍ରସ୍ତାବ ଦେବାପରେ ଆଡ୍‌ଭୋକେଟ୍ ଦେବେନ୍ଦ୍ରନାଥ ମିଶ୍ର, ଦେବଦତ୍ତ ପଟ୍ଟନାୟକ, ସେହ୍ନାଶିଷ ମହାନ୍ତି ପ୍ରମୁଖ ଟ୍ରଷ୍ଟବୋର୍ଡ ଗଠନକୁ ସମର୍ଥନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଟ୍ରଷ୍ଟ ବୋର୍ଡର ସଂଯୋଜକ ଭାବେ କୋଠସୁଆଁସିଆ ସେବକ ଲକ୍ଷ୍ମୀଧର ଗୋଛାୟତଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଥିଲା। ଶ୍ରୀରାମ ଚନ୍ଦ୍ରଜେନା, ରମେଶ ପ୍ରଧାନ, ଆଲୋକ ରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ସ୍ୱାଇଁ, ଦୋଳଗୋବିନ୍ଦ ପ୍ରଧାନ ପ୍ରମୁଖ କାର୍ଯ୍ୟକାରୀ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ଶେଷରେ ଆଡ୍‌ଭୋକେଟ ରତିକାନ୍ତ ପ୍ରତିହାରୀ ସଭାକାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଦେଶୀମଦ ଜବତ, ୨ ଗିରଫ

ବେଗୁନିଆ,୧୧।୨(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା କର୍ମଚାରୀମାନେ ଦୁଇଟି ସ୍ଥାନରେ ଚଢ଼ାଉ କରି ୧୫ଲିଟର ଦେଶୀମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଏକଡ଼ାଳିଆ ଗ୍ରାମର ଅମନି ମୁଦୁଲି ଏବଂ ପିଚୁକୁଳି ଗ୍ରାମର ଅନନ୍ତ ନାୟକ। ତେବେ ଅମନିଙ୍କ ନିକଟରୁ ୭ ଲିଟର ଏବଂ ଅନନ୍ତଙ୍କ ନିକଟରୁ ୮ଲିଟର ଦେଶୀମଦ ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ଖେସ କହିଛନ୍ତି।

## ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ ମେଳା

କଳାପଥର,୧୧।୨(ଗଙ୍ଗାଧର ସାହୁ)

ଧଳାପଥର ପଞ୍ଚାୟତ ଅଧୀନ ଧଳାପଥର ଗୋଲେଇ ଛକସ୍ଥିତ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ ମେଳା ଅନୁଷ୍ଠିତ ହୋଇଯାଇଛି। ରବିବାର ଅଙ୍କୁରାରୋପଣ, ସୋମବାର ପୂଜା, ହୋମଯଜ୍ଞ, ପୂର୍ଣ୍ଣାହୁତି ଏବଂ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଗୋଲେଇ ଛକ ବଜାର କମିଟି ସଭାପତି କାହ୍ନୁ ଚରଣ ସ୍ୱାଇଁ, ଚିତ୍ତ ରଞ୍ଜନ ସାହୁ, ମାନସ ବେହେରା, ବେଣୁଧର ନାୟକ, ରାମଚନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ସାହୁ, ସୁଶୀଲ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରଘୁନାଥ ସ୍ପୋର୍ଟ୍ସ କ୍ଲବ୍ ସେମିରେ

ବେଗୁନିଆ,୧୧।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗଉଡ଼ିଆପଡ଼ା-ଇନ୍ଦୁପୁର ଖେଳପଡ଼ିଆରେ ମହାବୀର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ବିବିଜି କ୍ଲବ ଖୋର୍ଦ୍ଧା ଏବଂ ରଘୁନାଥ ସ୍ପୋର୍ଟ୍ସ କ୍ଲବ ଟାଙ୍ଗୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ରଘୁନାଥ ସ୍ପୋର୍ଟ୍ସ କ୍ଲବ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଶରତ ଛୋଟରାୟ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ମୁନା ନାୟକ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ହଜାରିବନ୍ଧୁ ବେହେରା, ସୁନିଲ ସୁନ୍ଦରାୟ, ସୁରେଶ ଚନ୍ଦ୍ର ସାହୁ, ମନୋଜ ପ୍ରଧାନ, ଅଧ୍ୟାପକ ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଖୋଲିବ ଜଳଛତ୍ର, କାର୍ଯ୍ୟାଳୟରେ ମିଳିବ ବିଶୁଦ୍ଧ ପାଣି



ଗ୍ରୀଷ୍ମ ପ୍ରବାହ ପ୍ରତିକାର ପ୍ରସ୍ତୁତି ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

**ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରତିକାର ପ୍ରସ୍ତୁତି ବୈଠକ**

- ଖୋଲିବ ଅଂଶୁଘାତ ୱାର୍ଡ, ପିଲା ସ୍କୁଲକୁ ଆଣିବେ ପାଣି ବୋତଲ
- ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ ନିର୍ମାଣ କାମ ବନ୍ଦ

ଖୋର୍ଦ୍ଧା,୧୧।୨(ପ୍ରଭାତ ପାଣିଗ୍ରାହୀ)

ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଓସ୍ୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତ୍ୟାବଶ୍ୟକ ସ୍ଥଳେ ବିଡିଓ ଏବଂ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅନୁମୋଦନକ୍ରମେ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ପିଇବା ପାଣି ଟାଙ୍କିର ବ୍ୟବସ୍ଥା କରାଯିବ। ଆର୍‌ଡବ୍ଲୁଏସ୍‌ଏସ୍, ୱାଟକୋ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଡିଓ ଏବଂ ବିଏମ୍‌ସିର ଅଧିକାରୀମାନେ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ। ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଜଳଛତ୍ର ଖୋଲିବା ସହ ବିଶୁଦ୍ଧ ପାନୀୟଜଳ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ। ନାଳ ତଥା କେନାଲରେ ପାଣି ଛାଡ଼ିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ନିୟମିତ ବିଶୁଦ୍ଧ ପାଣି ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଏନ୍‌ଜିଓମାନଙ୍କ ସହଯୋଗରେ ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବିଏମ୍‌ସି ତଥା ସହରାଞ୍ଚଳରେ ଦିନ ସମୟରେ ଗୃହହୀନ ଏବଂ ନିରାଶ୍ରୟଙ୍କୁ ଆଶ୍ରୟସ୍ଥଳ ଯୋଗାଇଦେବା ସହ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀ ବ୍ୟବସ୍ଥା କରିବେ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀମାନେ ବିଶୁଦ୍ଧ ପାଣିର ବ୍ୟବସ୍ଥା କରିବେ। ଜିଲା ଶିକ୍ଷା ଅଧିକାରୀ ସମସ୍ତ ବିଦ୍ୟାଳୟରେ ପାନୀୟଜଳ ସୁନିଶ୍ଚିତ ସହ ପିଲାମାନଙ୍କୁ ସାଙ୍ଗରେ ପାଣି ବୋତଲ ଆଣିବାକୁ ପରାମର୍ଶ ଦେବେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଗର୍ଭବତୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେବେ। ପରିବହନ ଅଧିକାରୀ ଯାତାୟାତ ବସ୍‌ରେ ପାନୀୟଜଳର ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ ଖରାରେ କାମ ନ କରିବାକୁ ଶ୍ରମ ଅଧିକାରୀ ସମସ୍ତ ଠିକାସଂସ୍ଥାକୁ ପରାମର୍ଶ ଦେବେ। ବିଦ୍ୟୁତ୍ ବିଭାଗକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଆର୍‌ଏସ୍, ଆବଶ୍ୟକ ଔଷଧ, ସ୍ୱତନ୍ତ୍ର ଅଂଶୁଘାତଜନିତ ୱାର୍ଡ ଏବଂ ଅଂଶୁଘାତଜନିତ ମୃତ୍ୟୁକୁ ତହସିଲଦାର ଏବଂ ମେଡିକାଲ ଅଫିସରଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରକାରଙ୍କ ପ୍ରଦତ୍ତ ଗାଇଡ୍‌ଲାଇନ ଅନୁସାରେ ଗଣମାଧ୍ୟମ ସହାୟତାରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ରଖିଥିଲେ। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ସିଡିଏମ୍‌ଓ ଡା.ରାଜଶ୍ରୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ମୋହନ ଦାସ, ଜିଲା ପର୍ଯ୍ୟଟନ ଅଧିକାରୀ ମୀରାବାଈ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୬ ଦଫା ଦାବିରେ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କୃଷ୍ଣପ୍ରସାଦ,୧୧।୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ୬ଦଫା ଦାବିରେ ସିପିଆଇ(ଏମ୍) କୃଷ୍ଣପ୍ରସାଦ ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ୍ ଛକଠାରୁ ଏକ ଶୋଭାଯାତ୍ରା ବାହାରି ୬ଦଫା ଦାବିକୁ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଅଦିନିଆ ବର୍ଷାରେ ଚାଷୀ ଓ ଭାଗଚାଷୀଙ୍କ ପାଇଁ କ୍ଷତିପୂରଣ, ଖାଉଟି ଦ୍ରବ୍ୟର ଦରଦାମ ନିୟନ୍ତ୍ରଣ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସିକ ୩୫୦୦ଟଙ୍କା, ସମସ୍ତ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଦ୍ୟୁତ୍ ପ୍ରଦାନ, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ଅର୍ଥ ରାଶି ପ୍ରଦାନ ଦାବି ସମ୍ପର୍କରେ କମ୍ୟୁନିଷ୍ଟ ନେତାମାନେ ଗର୍ଜିଥିଲେ। ଶେଷରେ ସିପିଆଇଏମ୍ ଆଞ୍ଚଳିକ କମିଟି ସମ୍ପାଦକ ତଥା ବିକ୍ଷୋଭର ସଭାପତି ଉମାକାନ୍ତ ଜେନାଙ୍କ ନେତୃତ୍ୱରେ ୬ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆଇଆଇସି ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବଇନ୍ସପେକ୍ଟର ସୁଜିତ କୁମାର ସାହୁ ଏବଂ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## କମ୍ପାନୀ ସୁପରଭାଇଜରଙ୍କୁ ଅପହରଣ ଘଟଣା, ୪ ଗିରଫ





ଗିରଫ ୪ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଟଙ୍କା ଓ ବାଇକ୍।

ଖୋର୍ଦ୍ଧା,୧୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳର ଏକ କମ୍ପାନୀ ସୁପରଭାଇଜରଙ୍କୁ ଅପହରଣ କରି ୨ଲକ୍ଷ ଟଙ୍କା ବଟି ମାଗିବା ଅଭିଯୋଗରେ ଶିଳ୍ପାଞ୍ଚଳ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମୁକୁନ୍ଦପ୍ରସାଦ ପୋଡ଼ାସାହିର ନବ ପ୍ରଧାନ ଓରଫ ନବ, ଦେବାଶିଷ ମହାରଣା, ବିଶ୍ୱଜିତ ବେହେରା ଓରଫ ମୁନା ଏବଂ ଆଦର୍ଶ ଥାନା ଅଧୀନ ବୁଢ଼ିବଗିଚା ଅଞ୍ଚଳର ଜ୍ୟୋତିରଞ୍ଜନ ସେଠୀ ଓରଫ ପିଙ୍କୁ। ଏମାନଙ୍କ ନିକଟରୁ ଦୁଇଟି ବାଇକ୍, ୩ଟି ମୋବାଇଲ, ୫୪ହଜାର ୩ଶହ ଟଙ୍କା ଜବତ ହୋଇଛି।

ସୂଚନା ମୁତାବକ, ବରୁଣେଇ ଶିଳ୍ପାଞ୍ଚଳର ଏକ କମ୍ପାନୀରେ କଟକ ଜିଲା ସାଲେପୁର ଅଞ୍ଚଳର ବିଭୂତି ଭୂଷଣ ପରିଡ଼ା ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ଗତ ୯ତାରିଖରେ ଅଭିଯୁକ୍ତମାନେ ପୂର୍ବ ଯୋଜନା ମୁତାବକ ଦୁଇଟି ବାଇକ୍‌ରେ କମ୍ପାନୀ ନିକଟକୁ ଆସି ବିଭୂତିଙ୍କୁ ଜୋରଜବରଦସ୍ତ ଅପହରଣ କରି ପିଏନ୍ କଲେଜ ନିକଟ ଜଙ୍ଗଲକୁ ନେଇଥିଲେ। ବିଭୂତିଙ୍କୁ ଛାଡ଼ିବା ପାଇଁ ଅଭିଯୁକ୍ତମାନେ କମ୍ପାନୀର ଜଣେ ବ୍ୟକ୍ତିଙ୍କୁ ଫୋନ କରି ୨ଲକ୍ଷ ଟଙ୍କା ଦାବି କରିଥିଲେ। କର୍ମଚାରୀ ଜଣଙ୍କ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ପ୍ରଥମେ ୭୦ହଜାର ଏବଂ ପରେ ୪୦ହଜାର ଅନଲାଇନ ମାଧ୍ୟମରେ ଦେଇଥିଲେ। ପରେ ବରୁଣେଇ ହୋଟେଲ ନିକଟ ଏଟିଏମ୍‌ରୁ ୩୦ହଜାର ଟଙ୍କା ଅଭିଯୁକ୍ତଙ୍କ ୟୁପିଆଇ ସ୍କାନରରେ ଆକାଉଣ୍ଟକୁ ପଠାଇଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତମାନେ ବିଭୂତିଙ୍କୁ କମ୍ପାନୀ ଗେଟ ନିକଟରେ ଛାଡ଼ିଥିବା ବେଳେ ଏନେଇ ପୋଲିସ ଖବର ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବିଭୂତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୩୭/୨୫) ରୁଜୁକରି ତଦନ୍ତ ଚଳାଇଥିଲା। ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ବାସୁଦେବ ଜୟସିଂ, କନ୍‌ଷ୍ଟେବଳ ପ୍ରଦୀପ ହରିଚନ୍ଦନ, ହାବିଲଦାର ବିକେ ପ୍ରତାପ ସିଂ ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ।

# ‘ବିଦ୍ୟାର୍ଥୀମାନେ ବିଦ୍ୟା ଆହରଣ ସହ ଚରିତ୍ରବାନ ହୁଅନ୍ତୁ’



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବାଣପୁର,୧୧।୨(ଦିଲୀପ କୁମାର ସ୍ୱାଇଁ)

ବଡ଼ପଦରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଯଦୁମଣି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଆନନ୍ଦ ଚରଣ ସାହୁଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଦୋଷ କୁମାର ଦାସ, ମୁଖ୍ୟ ବକ୍ତା ବଡ଼ପଦର ଗ୍ରାମର ସଭାପତି ମକରଧ୍ୱଜ ପଲାଇ, ସମ୍ମାନିତ ଅତିଥିଭାବେ ଏସ୍‌ଏମ୍‌ସି ଅଧ୍ୟକ୍ଷ ପାଗଳ ମହାପାତ୍ର, ସିଆର୍‌ସିସି ପ୍ରେମଚାନ୍ଦ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନେ ବିଦ୍ୟା ଆହରଣ ସହ ଚରିତ୍ରବାନ ହୁଅନ୍ତୁ ବୋଲି କହିଥିଲେ। ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ର ଅନୁରାଗ ସାହୁ ବେଦ ଓ ଭାଗବତ ଗୀତା ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁବାସିନୀ ସାହୁ ଓ ସୁଶ୍ରୀ ଟେକ ମଞ୍ଜରୀ କିଶାନଙ୍କ ସଂଯୋଜନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡ଼ା ଏବଂ ବିଭିନ୍ନ ଶୈକ୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସମର୍ପଣ ଦିବସ ପାଳିତ

ଜଟଣୀ,୧୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ନଗର ଭଜପା କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଶ୍ରାଦ୍ଧବାର୍ଷିକୀ ଏବଂ ସମର୍ପଣ ଦିବସ ପାଳିତ ହୋଇଯାଇଛି। ଜଟଣୀ ନଗର ଭାଜପା ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଭଜପା କର୍ମୀ ଯୋଗଦେଇ ଦିନଦୟାଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ହରିପୁର ପଞ୍ଚାୟତ ଭୂଆସୁଣୀ ମଣ୍ଡଳ ପକ୍ଷରୁ ସମର୍ପଣ ଦିବସ ପାଳିତ ହୋଇଛି। ଭୂଆସୁଣୀ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ନେତୃତ୍ୱରେ ପଣ୍ଡିତ ଦିନଦୟାଳ ଉପାଧ୍ୟାୟଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ରଶ୍ମି ପଟ୍ଟନାୟକ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗଙ୍ଗାଧର ସାମନ୍ତରାୟ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦିକା ବାସନ୍ତୀ ନାୟକ, ଲୋକନାଥ ମାର୍ଥା ପ୍ରମୁଖ ଯୋଗଦେଇଥିଲେ।

# ମାତୃଭାଷା ସୁରକ୍ଷା ଉପରେ ଗୁରୁତ୍ୱାରୋପ

ବେଗୁନିଆ,୧୧।୨(ହର ପ୍ରସନ୍ନ ପଣ୍ଡା)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବେଗୁନିଆ ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଆ ସାହିତ୍ୟ ସମାଜ ବିଭାଗର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ.ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନାରାୟଣ ପଣ୍ଡା ବକ୍ତାଭାବେ ଉପସ୍ଥିତ ଥିଲେ। ଓଡ଼ିଆ ସାହିତ୍ୟ ଓ ଭାଷା ବିଭାଗର ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଜାତିର ପରିଚୟ ହିଁ ମାତୃଭାଷାରୁ ଉଦ୍‌ଭାଷିତ। ମାତୃଭାଷା ଓଡ଼ିଆର ସୁରକ୍ଷା କବଚ। ମାତୃଭାଷା ଶ୍ରୀବୃଦ୍ଧି ସାଧନା କରିବା ସହିତ ମମତା ପ୍ରଦର୍ଶନ କର ବୋଲି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଏବଂ ଇଂଲିଶ ଉଭୟ ସାହିତ୍ୟର ତୁଳନାତ୍ମକ ରୂପ। ତେଣୁ ଓଡ଼ିଆ ଭାଷାକୁ ସୁରକ୍ଷା ଓ ସାହିତ୍ୟ ପ୍ରତି ହୃଦୟରେ ଅନୁରକ୍ତ ରଖ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡ.ସୋମନାଥ ବିଶୋୟୀ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସତ୍ୟଜିତ ଦାସ, ନବକିଶୋର ବିଶୋୟୀ, ସଲିଳ କୁମାର ବଡ଼ଜେନା, ଅଧ୍ୟାପିକା ନମିତାରାଣୀ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ବିଶୋୟୀ ଧନ୍ୟବାଦ ଦେଇଥିଲେ।

# ଧର୍ମପରାୟଣା ଥିଲେ ବସନ୍ତ ମଞ୍ଜରୀ

ନିରାକାରପୁର,୧୧।୨(ମାନସ ଚନ୍ଦ୍ର ପଟ୍ଟନାୟକ)



ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

ଡିଆ ପଞ୍ଚାୟତ ଅଧୀନ ଭୋଇସାହି ଗ୍ରାମର ବସନ୍ତ ମଞ୍ଜରୀ ମହାନ୍ତିଙ୍କ ଏକାଦଶାହ ଅବସରରେ ସୋମବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅପର୍ତ୍ତି ଜେନା ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ଡ.ସଞ୍ଜୟ ପଟ୍ଟନାୟକ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଜେଡି ନେତା ମନ୍ମଥ ରାଉତରାୟ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସୁଧାଂଶୁ ଭୂଷଣ ବଡ଼ଜେନା, ବିପିନ ଜୟସିଂହ, ଶୁଭମ ଦାଶ, ପ୍ରଭାତ ପାଣିଗ୍ରାହୀ, ବିକାଶ ସାହୁ, ରଞ୍ଜିତ ସାମନ୍ତରାୟ, ହିମାଂଶୁ ଭୂଷଣ ଚମ୍ପତିରାୟ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ, ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବସନ୍ତ ମଞ୍ଜରୀ ଧର୍ମପରାୟଣା ଥିଲେ ବୋଲି ମତପ୍ରକାଶ ପାଇଥିଲା। ମାନସ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସଚେତନ ହେଲେ ସାଇବର ଅପରାଧ ରୋକିହେବ

ଟାଙ୍ଗୀ,୧୧।୨(ରଘୁନାଥ ସାହୁ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ଆନୁକୂଲ୍ୟରେ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ଅପରାଧ ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଯୋଗଦେଇ କହିଥିଲେ, ଜିଲାର ଟାଙ୍ଗୀ, ଚିଲିକା, ବାଣପୁର ବ୍ଲକ୍ ଅଞ୍ଚଳରେ ସଂଖ୍ୟାଧିକ ନାବାଳିକା ବିଭିନ୍ନ ପ୍ରଲୋଭନ ପାଇ ଘରୁ ପଳାଇଯାଉଥିବା ଘଟଣା ପଞ୍ଜୀକୃତ ହେଉଛି। ଶିଶୁ ସୁରକ୍ଷା ଆଇନ-୨୦୧୨ ଅନୁଯାୟୀ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି ତେଣୁ ଭୁଲ ବାଟରେ ନ ଯାଇ କ୍ୟାରିୟର ଗଠନ ପାଇଁ କଠିନ ପରିଶ୍ରମ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଏବଂ ନିଜେ ସଚେତନ ହେଲେ ସାଇବର ଅପରାଧରୁ ରକ୍ଷା ପାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ଲାନ ଇଣ୍ଡିଆର ସାଇବର ବିଶେଷଜ୍ଞ ପ୍ରସନ୍ନ କୁମାର ଶୁକ୍ଳା, ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଆଇନ ଓ ସୁରକ୍ଷା ଅଧିକାରୀ ସୌମେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଫଟୋଚିତ୍ର, ଗ୍ରାଫିକ୍ସ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅଧ୍ୟାପକ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡେମୋନଷ୍ଟ୍ରେଟର ହରିହର ରଣା ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା କାଜଲ ପରିଡ଼ା, କୁମାରୀ ସୌଭାଗ୍ୟ ଲକ୍ଷ୍ମୀ, ପ୍ରଜ୍ଞା ପରମିତା ଜେନା, ପୁନମ ରାଉତରାୟ, ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ସାଇବର ଅପରାଧ ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଉପଯୁକ୍ତ ଶିକ୍ଷା ସୁସ୍ଥ ସମାଜ ଗଠନରେ ସହାୟକ ହୁଏ

**ଜଟଣୀ ମହାବିଦ୍ୟାଳୟର ୪୯ତମ ସାମ୍ବତ୍ସରିକ ଉତ୍ସବ**

ଜଟଣୀ,୧୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟର ୪୯ତମ ସାମ୍ବତ୍ସରିକ ଉତ୍ସବ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ରାଜୀବ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ୍ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ରଜତ କୁମାର ମାନସିଂହ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସାମ୍ବତ୍ସରିକ କମିଟିର ଆବାହକ ଡ.ଅନୁପ କୁମାର ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ଡ.ପ୍ରଶାନ୍ତ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଉପଯୁକ୍ତ ଶିକ୍ଷା ସୁସ୍ଥ ସମାଜ ଗଠନରେ ସହାୟକ ହୁଏ ବୋଲି ପୂର୍ବତନ ବିଧାୟକ ରାଉତରାୟ କହିଥିଲେ। ଡ.ରାଜୀବ କର ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଡ.ତପନ ମିଶ୍ର ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ.ବାଳକୃଷ୍ଣ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ଡ.ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅଜିତ କୁମାର ସୁନ୍ଦରାୟ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଅମିତ ବିକ୍ରମ ପଟ୍ଟନାୟକ, ରଜନୀ କୁମାର ନାୟକ, କାର୍ତ୍ତିକ ଚନ୍ଦ୍ର ଦାସ, ପରମିତା ପ୍ରହରାଜ, ଡ. ପୁଷ୍ପାଞ୍ଜଳି ସାମଲ, ସୁଶାନ୍ତ ବାରିକଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଡ.ବିଜୟ ଶଙ୍କର ଧନ୍ୟବାଦ ଦେଇଥିଲେ।



ଜଟଣୀ ମହାବିଦ୍ୟାଳୟର ୪୯ତମ ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

